୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK                    पर्यवेक्षक

Vol.26 . No.58 Bhubaneswar Sunday April 07 2024 | ୨୬ତମ ବର୍ଷ ସଂଖ୍ୟା–୫୮ ଭୁବନେଶ୍ୱର, ରବିବାର, ଅପ୍ରେଲ ୦୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଭୁବନେଶ୍ୱର ଲୋକସଭା: ବିଜେଡିକୁ ମହଙ୍ଗା ପଡିଲାଣି ମନ୍ମଥଙ୍କ ଆଚ୍ରଣ, ଧମକାଇଲେଣି ଅନନ୍ତ ଓ ରାଜେନ୍ଦ୍ର



ଭୁବନେଶ୍ୱର,୬।୪(ପି.ଏନ): ୩ଟି ପର୍ଯ୍ୟାୟରେ ୧୦୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବିଜେଡି ଏବେ ହରଡଘଣାରେ । କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ଦଳରେ ମିଶାଇବାର ୨ଘଣ୍ଟା ମଧ୍ୟରେ ଲୋକସଭା ଟିକେଟ୍ ଦେଇ ବିଜେଡି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଯେଉଁ ରାଜନୀତିକ ସମୀକରଣ ଆଶା ରଖିଥିଲା ତାହା ଏବେ ବୁମେରାଂ ହେଲାଣି । ତୀବ୍ର ଗୋଷ୍ଠୀକନ୍ଦଳ ଯୋଗୁ ଦଳ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଭୁବନେଶ୍ୱର-ସେଣ୍ଟ୍ରାଲ, ଖୋର୍ଦ୍ଧା ଓ ବେଗୁନିଆ ଭଳି ଆସନରେ ଏପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡାନ୍ତ କରିବାରେ ସକ୍ଷମ ହୋଇପାରିନି । ଆଉ ଏପଟେ ଦଳର ସାଂସଦ ପ୍ରାର୍ଥୀ ମନ୍ମଥଙ୍କ ଉଚ୍ଚାରଣ ଓ ଆଚ୍ରଣ ବିଜେଡିର ଅଡୁଆ ବ ?ଇବାରେ ଲାଗିଛି । ଗତ କିଛିଦିନ ତଳେ ଦଳର ଆଗଧାଡିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ପ୍ରତି ଶସ୍ତା ଟିପ୍ପଣୀ ଦେଇଥିବା ମନ୍ମଥ ଆଜି ଭୋଟ ପାଇଁ ପ୍ରଚାର କରିବାବେଳେ ପାର୍କରେ ସମସ୍ତଙ୍କ ସମ୍ମୁଖରେ ଉତକ୍ଷିପ୍ତ ହୋଇ ଜଣେ ବରିଷ୍ଠ ନାଗରିକଙ୍କ ପ୍ରତି ଅଶୋଭନୀୟ ଟିପ୍ପଣୀ ଦେବାକୁ ପଛାଇ ନାହାନ୍ତି ।ସୂଚ୍ନା ଅନୁସାରେ, ଭୁବନେଶ୍ୱରରୁ ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ଦଳର ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତ, ମେୟର ସୁଲୋଚ୍ନା ଦାସ ଓ ସମର୍ଥକମାନଙ୍କ ସହ ବୁଦ୍ଧ ପାର୍କକୁ ନିର୍ବାଚ୍ନ ପ୍ରଚ୍ାର ପାଇଁ ଯାଇଥିବାବେଳେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ଲୋକେ ସିଧାସଳଖ ମନ୍ମଥଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଜଣେ ବରିଷ୍ଠ ନାଗରିକ ସିଧାସଳଖ କହିଥିଲେ ଯେ, ଲୋକେ ତ ଅପରାଜିତାଙ୍କୁ ଚ୍ାହୁଁଛନ୍ତି । ସେ ସାଂସଦ ହେବେ । ଅପରାଜିତା ହେଉଛନ୍ତି ଦେଶର ଜଣେ ଦକ୍ଷତାସମ୍ପନ୍ନ ମହିଳା । ଯଦିଓ ମନ୍ମଥଙ୍କ ପ୍ରାର୍ଥୀତ୍ୱକୁ ତାଙ୍କ ମୁହଁରେ ପ୍ରତ୍ୟାଖ୍ୟାନ କରିଥିଲେ ମାତ୍ର ସେଠାରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ସୁଶାନ୍ତ ନିଶ୍ଚିତ ଜିତିବେ ବୋଲି କହିଥିଲେ । ଅନ୍ୟଜଣେ ଯୁବକ ମଧ ଓଡିଶାରେ ନବୀନ ପଟ୍ଟନାୟକ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କରିବେ ବୋଲି କହି ତାଙ୍କ ଭୋଟ୍ ସେହି ଅନୁରୂପ ଯିବାର ସ୍ପଷ୍ଟ ସନ୍ଦେଶ ଦେଇଥିଲେ ।ସେଠାରେ ମେୟର ଶ୍ରୀମତୀ ଦାସ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ନିଜ ଅନ୍ତର ଆତ୍ମାକୁ ପଚ୍ାରି ଯାହାକୁ ଭୋଟ୍ ଦେବେ ବୋଲି କହି ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଥିଲେ ମଧ ମନ୍ମଥ ସମସ୍ତଙ୍କୁ ଚୁପ୍ କରାଇ ନିଜର ଉତଶୃଙ୍ଖଳ ଆଚ୍ରଣ ଦେଖାଇବାକୁ ପଛାଇନଥିଲେ । ମନ୍ମଥ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ଆକ୍ଷେପ କରି କହିଥିଲେ ଯେ, "ମୁଁ ଆଶୀର୍ବାଦ ମାଗିଥିଲି, ୪୦୦ ପାର ମାଗିନଥିଲି । ଆପଣଙ୍କର ଯେଉଁ ପ୍ରାର୍ଥୀଙ୍କୁ ଭୋଟ୍ ଦେବାର ଅଛି ଦିଅନ୍ତୁ । ୪୦୦/୫୦୦ପାର ଆପଣଙ୍କ ପାଖରେ ରଖନ୍ତୁ ବୋଲି ଉତକ୍ଷିପ୍ତ ହୋଇ ଅତ୍ୟନ୍ତ ବେପରୁଆ ଢଙ୍ଗରେ ଜବାବ ଦେଇ ସ୍ଥାନ ଛାଡିଥିଲେ ।"ପୁଅ ମନ୍ମଥ ଏଭଳି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାପରେ ପିତା ସୁର ରାଉତରାୟ ଗଣମାଧ୍ୟମ ସାମ୍ନାକୁ ଆସି ଖୋଲାଖୋଲି ଧମକ ଦେଇଛନ୍ତି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ତାଙ୍କ ସାନପୁଅ ପ୍ରାର୍ଥୀ ହୋଇଛି । ଯଦି କୌଣସି ଲୋକ ଭୟଭୀତ କରାଏ, ସେ ଦଳଫଳ ମାନିବେନି କି ପୁଲିସର ଦରକାର ପଡିବ ନାହିଁ । ୩ଘଣ୍ଟା ଭିତରେ ସେ ନିଜେ କରି ଦେଖାଇଦେବେ ବୋଲି ଚେତାବନୀ ଦେଇଛନ୍ତି । ବିଜେଡିର ଇଙ୍ଗିତରେ ସୁର ଏଭଳି ଚେତାବନୀ ଦେଇଥିବା ଚ୍ର୍ଚ୍ଚା ହେଉଛି ।କିଛିଦିନ ପୂର୍ବରୁ ସେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷିକା ଶ୍ରୀମୟୀ ମିଶ୍ରଙ୍କ ପ୍ରତି ଶସ୍ତା ଟିପ୍ପଣୀ ଦେଇଥିଲେ । ନିର୍ବାଚ୍ନ ପ୍ରଚ୍ାରରେ ଶ୍ରୀମୟୀ କାହିଁକି ଅନୁପସ୍ଥିତ ରହୁଛନ୍ତି ବୋଲି ଗଣମାଧ୍ୟମର ପ୍ରଶ୍ନରେ 'ସେ ଗୋଟେ କର୍ମୀ' କହି ନିଜକୁ ଜଣେ ବଡ ନେତା ଭଳି ଆତ୍ମବଡିମା ଦେଖାଇବାକୁ ପ୍ରୟାସ କରିଥିଲେ ।ସର୍ବସାଧାରଣରେ ତାଙ୍କର ଏଭଳି ଆଚ୍ରଣ ଓ ଉଚ୍ଚ୍ାରଣ ବିଜେଡିକୁ ମହଙ୍ଗା ପଡିବାକୁ ଲାଗିଲାଣି । ପ୍ରଚ୍ାରବେଳେ ପ୍ରାର୍ଥୀଙ୍କୁ ବିଭିନ୍ନ ପ୍ରଶ୍ନ ଓ ସମାଲୋଚ୍ନାର ସମ୍ମୁଖୀନ ହେବାକୁ ପଡିଥାଏ । କିନ୍ତୁ ମନ୍ମଥ ନିଜର ଆତ୍ମବଡିମା ଦେଖାଇବାକୁ ଯାଇ ଅନ୍ୟ ପ୍ରତି ଶସ୍ତା ଟିପ୍ପଣୀ ଓ ଭୋଟରଙ୍କୁ ବି ଆକ୍ଷେପ କରିବାକୁ ପଛାଉନାହାନ୍ତି । ଏପଟେ ମନ୍ମଥଙ୍କ ଘର କଳି ଥମିବାର ନାଁ ବି ଧରୁନି । ସୁରଙ୍କ ଜଟଣୀ ଅଂଚ୍ଳରେ ଥିବା ଭୋଟବ୍ୟାଙ୍କ ବିଜେଡିକୁ ଢଳିବାର ସମ୍ଭାବନା ବି କ୍ଷୀଣ ହେଲାଣି । ଯେଉଁ ସମୀକରଣକୁ ଦଳ ଭରସା କରିଥିଲା ତା'ର ଫଳ ଏବେ ଓଲଟା ହେଉଥିବା ଦଳର ଆଭ୍ୟନ୍ତରୀଣ ସର୍ଭେ ? ରିପୋର୍ଟରୁ ଜଳଜଳ ହୋଇ ଦିଶିଲାଣି ବୋଲି ଚ୍ର୍ଚ୍ଚା ହେଉଛି । ଦଳର ମହିଳା ଚେହେରା ଶ୍ରୀମୟୀଙ୍କୁ ୬ମାସ ବୁଲାଇ ଅଚ୍ାନକ ମନ୍ମଥଙ୍କୁ ଟିକେଟ୍ ଦେଇ ଦଳ ଖୋଲାଖୋଲି ଭାବେ ନିଜ ଗୋଡରେ କୁରା ?। ମାରିଛି । ଯେଉଁଥିପାଇଁ ପ୍ରଚ୍ାରବେଳେ ଲୋକେ ଶ୍ରୀମୟୀ ଏବେ କେଉଁଠି ଓ କାହିଁକି ତାଙ୍କୁ ଆଣୁନ ବୋଲି ପ୍ରଶ୍ନ କରୁଥିବା ଜଣାପଡିଛି । ଏମିତିବି ଶ୍ରୀମୟୀଙ୍କୁ ଦଳ କେଉଁଠି ଥଇଥାନ କରିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି । ମାତ୍ର ମନ୍ମଥଙ୍କ ପାଇଁ ଶ୍ରୀମୟୀଙ୍କୁ ଦଳ ହତାଦର କରିବା ବିଜେଡିର ସାଧାରଣ କର୍ମୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଥିବା ଚ୍ର୍ଚ୍ଚା ହେଉଛି ।

## ପୁଣି ଖଟିଆରେ ବୁହା ହେଲେ ରୋଗୀ



ଭବାନୀପାଟଣା,୬।୪(ପି.ଏନ): ପୁଣି ଥରେ ଦେଖିବାକୁ ମିଳିଛି ଆମ ଢୋଲପିଟା ବ୍ୟବସ୍ଥାର ନଗ୍ନ ଚ୍ିତ୍ର । ପୁଣି ଭାରରେ ବୁହା ହେଲେ ରୋଗୀ ।ଗ୍ରାମାଞ୍ଚର ବିକାଶ ପାଇଁ ସରକାର ରାସ୍ତା ନିର୍ମାଣ ଓ ପୋଲ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ନେଇ ବାହାଦୂରୀ ମାରୁଥିବା ବେଳେ , ଏହି ଯୋଜନା ଆଜି ବି ଅପହଞ୍ଚ ଇଲାକା ବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପକ୍କା ରାସ୍ତା ଟିକକ ନଥିବାରୁ ଏଠି ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ । ଫଳରେ ଖଟିଆ ପାଲଟି ଯାଉଛି ଆମ୍ବୁଲାନ୍ସ। ଯାହା କି ଆମ ବ୍ୟବସ୍ଥାର ନଗ୍ନ ଚ୍ିତ୍ରକୁ ପଦାରେ ପକାଇ ଦେଇଛି। ଦେଶ ସ୍ୱାଧୀନତାର ୭୬ ବର୍ଷ ପରେ ମଧ ଆଜି ଯାଏଁ ଭଲ ରାସ୍ତା ଖଣ୍ଡେ ବି ହୋଇପାରିନାହିଁ , ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ମାଳ ମାଳ ଯୋଜନା ପ୍ରସ୍ତୁତ କରି ବିକାଶର ଡିମଡିମ ପିଟୁଥିବା ବେଳେ , ଏବେ ବି ଅନେକ ଗାଁ ଅଛି ପକା ରାସ୍ତା ତୋ ଦୂରର କଥା କଚ୍ା ମାଟି ରାସ୍ତା ଟିଏ ମଧ୍ୟ ହୋଇ ପାରିନିନାହିଁ । ଯାହାଫଳରେ ଅନେକ ସମସ୍ୟା ଦେଇ ଗତି କରୁଥିବା ଚ୍ିତ୍ର ସାମ୍ନାକୁ ଆସୁଛି । ଗାଁ କୁ ଏବେ ଯାଏଁ ମାଟି ରାସ୍ତା ଖଣ୍ଡିଏ ନ ଥିବାରୁ ଲୋକେ ଆମ୍ବୁଲାନ୍ସ ସେବାରୁ ମଧ୍ୟ ବଞ୍ଚିତ ରହୁଛନ୍ତି।

ଏଭଳି ଚ୍ିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ ସେମେଲ ପଦର ଗାଁ ରେ । ଗାଁର ଭୁବନେ ମାଝୀଙ୍କ ପୁଅ ଡମେ ମାଝୀ ନିଜ ଚ୍ାଷଜମିରେ ଗଛ କାଟୁଥିବାବେଳେ , ଗଛର ଏକ ଶାଖା ଛିଣ୍ଡି ତାଙ୍କ ଡାହାଣ ଗୋଡ଼ରେ ପଡ଼ିଥିଲା। ଏଥିରେ ଡମେଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ , ତାଙ୍କ ପରିବାର ଲୋକେ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ । କିନ୍ତୁ ଗାଁକୁ ରାସ୍ତା ନଥିବାରୁ ଗାଁ ମୁଣ୍ଡରେ ଥିବା ନାଳ ଯୋଗୁଁ ଆମ୍ବୁଲାନ୍ସ ଅଧା ବାଟରେ ଅଟକିଥିଲା । ଫଳରେ ଅନ୍ୟ ଉପାୟ ନପାଇ ପରିବାର ଲୋକେ ଗୁରୁତର ଡମେଙ୍କୁ ଏକ ଖଟିଆରେ ବୋହି ଦୁଇକିମି ଦୂରରେ ଥିବା ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ତାଙ୍କୁ ଚ୍ିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ରାସ୍ତା ଖଣ୍ଡିଏ ନଥିବାରୁ ଆଦିବାସୀ ବହୁଳ ବଡ଼ ସେମେଲପଦର ଗାଁର ଲୋକେ ଏଭଳି ଦହଗଞ୍ଜର ଶିକାର ହେଉଥିବାବେଳେ , ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ କୌଣସି ଫଳ ମିଳୁନଥିବାରୁ ଅଭିଯୋଗ ହୋଇଛି। ସେପଟେ ନିର୍ବାଚ୍ନ ସମୟ ଥିବାରୁ ନେତା ଅନେକ ପ୍ରତିଶ୍ରୁତିରେ ଲୋକଙ୍କୁ ପୋତି ପକାଇଥିବା ବେଳେ , ଏହା ହେଉଚ୍ି ବାସ୍ତବ ଚ୍ିତ୍ର । ଯାହା ଆମ ବ୍ୟବସ୍ଥା ଉପରେ ଉଠାଇଛି ପ୍ରଶ୍ନବାଚ୍ୀ

## ଓଡିଶା ମୁଖ୍ୟ ଶାସନ ସଚ୍ିବଙ୍କ ଚ୍ିତ୍ରକୋଣ୍ଡା ସ୍ୱାଭିମାନ ଅଂଚ୍ଳ ଗ୍ରସ୍ତ କାର୍ଯ୍ୟକ୍ରମ



ମାଲକାନଗିରି,( ପ୍ରଭାସ ପଣ୍ଡା),୬।୪(ପି.ଏନ): ଓଡିଶା ମୁଖ୍ୟ ଶାସନ ସଚ୍ିବ ପ୍ରଦୀପ କୁମାର ଜେନା ମାଲକାନଗିରି ଜିଲ୍ଲା ଚ୍ିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଗ୍ରସ୍ତ କାର୍ଯ୍ୟକ୍ରମ ରେ ଆସି ପ୍ରଥମେ ଚ୍ିତ୍ରକୋଣ୍ଡା ମିଶନ ଶକ୍ତି କାଫେ ରେ ମଧ୍ୟାହ୍ନ ଭୋଜନ କରିଥିଲେ। ମଧ୍ୟାହ୍ନ ଭୋଜନ କରିବା ପରେ ସ୍ୱାଭିମାନ ଅଂଚ୍ଳ ର ହନ୍ତାଳ ଗୁଡା ଠାରେ ଥିବା ବିଏସଏଫ କ୍ୟାମ୍ପ ରେ ପହଂଚ୍ି ବିଭିନ୍ନ କାର୍ଯ୍ୟକ୍ରମ ର ସମୀକ୍ଷା କରିବା ସହ ସେଠାରେ କାର୍ଯ୍ୟରତ ଯବାନ ଙ୍କ ସହ ମିଶିଥିଲେ ଓ ସେଠାରୁ ଆସି ବଡପଡା ଠାରେ ଥିବା ଏଜୁକେସନାଲ କମ୍ପ୍ଲେକ୍ସ ବୁଲି ଦେଖିଥିଲେ ପରେ ବଡପଡା ଠାରେ ବସୁଧା ଯୋଜନାରେ ଚ୍ାଲିଥିବା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ର ସମୀକ୍ଷା କରିବାସହ ଗୁରୁପ୍ରିୟା ସେତୁ ବୁଲି ଦେଖିଥିଲେ ଓ ଓଡିଶା ମୁଖ୍ୟ ଶାସନ ସଚ୍ିବ ପ୍ରଦୀପ ଜେନା ଙ୍କ ଏହି ଗସ୍ତ ସମୟରେ ,ମାଲକାନଗିରି ଜିଲ୍ଲାପାଳ ସଚ୍ିନ ପାୱାର,ସିଡ଼ିଓ ନରେଶ ଚ୍ନ୍ଦ୍ର ଶବର, ମାଲକାନଗିରି ଏସ ପି ନୀତେଶ ୱାଧୱାନୀ, ବିଏସଏଫ ୧୭୭ ବାଟାଲିୟନ ଟୁ ଆଇସି ଟି କେ ଛତ୍ରୀ ଚ୍ିତ୍ରକୋଣ୍ଡା ବିଡ଼ିଓ ତନ୍ମୟ ପାତ୍ର, ଏପିଡି ଫାଇନାନ୍ସ ମାନସ ମିଶ୍ର ତହସିଲଦାର ନଟବର ଗରଡ଼ା ଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜେପି ଛାଡିଲେ ରଘୁନାଥ ମହାନ୍ତି



ଭୁବନେଶ୍ୱର,୬।୪(ପି.ଏନ): ବିଜେପି ଛାଡିଲେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେପି ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା କହିଛନ୍ତି। ବସ୍ତା ଆସନରୁ ରଘୁନାଥ ମହାନ୍ତି ୫ ଥର ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ସରକାରୀ ଦଳର ମୁଖ୍ୟ ସଚେତକ ଓ ମନ୍ତ୍ରୀ ଥିଲେ ସେ। ବିଜେପିରୁ ଇସ୍ତଫା ଦେଇଥିବା ରଘୁନାଥ ମହାନ୍ତି ପୁଣି ବିଜେଡିକୁ ଫେରିବେ ବୋଲି ଚ୍ର୍ଚ୍ଚା ହେଉଛି।

## ସମୀର ଦାସଙ୍କ ଅଡୁଆ ବଢ଼ିଲା, ମୈଦାନକୁ ଆସିଲେ ରୋଜାଲିନ୍

ଭୁବନେଶ୍ୱର,୬।୪(ପି.ଏନ): ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଅଡୁଆ ବଢ଼ିଲା। ତାଙ୍କୁ ଚେକ୍ ଦେବା ପାଇଁ ଆଗକୁ ଆସିଲେ ସମାଜସେବୀ ରୋଜାଲିନ ନାୟକ। ବିଜେଡିରୁ ଲଢ଼ିବା ପାଇଁ ଆଶାୟୀ ଥିବା ଗଣମାଧ୍ୟମରେ ଖୋଲାଖୋଲି ଭାବେ କହୁଛନ୍ତି। ଏଥିସହ ସମୀରଙ୍କ ନାଁ ନନେଇ ଖୋଲିଛନ୍ତି ତାଙ୍କର ଗୋଟିଏ ପରେ ଗୋଟିଏ ପେଡି। ଯାହା ସମୀରଙ୍କ ପ୍ରାର୍ଥୀ ହେବା ରାସ୍ତାର କଣ୍ଟା ବୋଲି ଆଲୋଚ୍ନା ହେଉଛି। ସେପଟେ ରାଜ୍ୟରେ ଅଧିକାଂଶ ନିର୍ବାଚ୍ନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ନିମାପଡା ପାଇଁ କାହିଁକି ହେଉନି ଯାହାକୁ ନେଇ କର୍ମୀ ଓ ନେତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏପରି ସ୍ଥିତିରେ ରୋଜାଲିନ୍ ?ଙ୍କ ବାଣ ଏବେ ସମୀରଙ୍କ ନିଦ ହଜାଇ ଦେଇଛି।୨୦୦୯ ପ୍ରଥମ ଥର ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ ସମୀର ରଞ୍ଜନ ଦାସ। ତା' ପରେ ସେ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚ୍ନରେ ବିଜୟୀ ହୋଇ ଓଡିଶା ବିଧାନସଭାକୁ ଆସିଥିଲେ ସମୀର। ଏଥର ମଧ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ନାଁ ଘୋଷଣା ହେଉନାହିଁ। ସମୀର ପ୍ରାର୍ଥୀ ହେବେ ନା ଆଉ କିଏ ହେବେ, ତାହା ସ୍ପଷ୍ଟ କରୁନି ବିଜେଡି। ଯେଉଁଥିପାଇଁ ସମୀରଙ୍କ ସମର୍ଥକଙ୍କ ଭିତରେ ଅସନ୍ତୋଷ କୁହୁଳୁଛି।

## ଅସହ୍ୟ ତାତି: ୪ ସହରର ତାପମାତ୍ରା ୪୩ ଡିଗ୍ରୀ ଛୁଇଁଲା

ଭୁବନେଶ୍ୱର,୬।୪(ପି.ଏନ): ଶୁକ୍ରବାର କେବଳ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଛୁଇଁଥିବା ବେଳେ ଶନିବାର ୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ତା' ଉପରେ ରହିଛି। ୪୩.୫ ଡିଗ୍ରୀ ସହିତ ଆଜି ଅନୁଗୋଳ ପାଲିଟିଛି ରାଜ୍ୟର ସବୁଠୁ ଉତ୍ତପ୍ତ ସହର। ରାଜ୍ୟରେ ଆଜି ୨୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ମାଲକାନଗିରିରେ ଦିନର ସର୍ବୋଚ୍ଚ୍ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ଓ ଟିଟିଲାଗଡରେ ୪୩ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିବା ବେଳେ ଆଜି ଏହା ୩୯.୬ ଡିଗ୍ରୀକୁ ଖସି ଆସିଛି। କଟକରେ ଦିନର ସର୍ବୋଚ୍ଚ୍ ତାପମାତ୍ରା ୪୦.୧ ଡିଗ୍ରୀ ରହିଥିଲା। ଝାରସୁଗୁଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝରଗଡରେ ୪୦.୪, ସମ୍ବଲପୁରରେ ୪୧.୭, ସୁନ୍ଦରଗଡରେ ୪୦.୮, ହୀରାକୁଦରେ ୪୧.୧, ତାଳଚେରରେ ୪୨, ଭବାନୀପାଟଣାରେ ୪୨.୮, ବଲାଙ୍ଗିରରେ ୪୨.୩, ଫୁଲବାଣୀରେ ୪୧.୧, ସୋନପୁରରେ ୪୧.୨, ନୟାଗଡରେ ୪୨.୩, ପାରଳାଖେମୁଣ୍ଡିରେ ୪୨, ଢେଙ୍କାନାଳରେ ୪୧, ବରଗଡରେ ୪୦.୨, ନୂଆପଡାରେ ୪୦, ଖୋର୍ଦ୍ଧାରେ ୪୦.୫, କେନ୍ଦ୍ରାପଡାରେ ୪୦ ଓ ରାଉରକେଲାରେ ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି ।ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା କମ୍ ରହିବ। କେବଳ ବଲାଙ୍ଗିର, ଭବାନୀପାଟଣା ଓ ମାଲକାନଗିରିରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ। ନବରଙ୍ଗପୁର, ନୂଆପଡା, ଟିଟିଲାଗଡ, ରାୟଗଡା, ପାରଳାଖେମୁଣ୍ଡି, ବୌଦ୍ଧ, ନୟାଗଡ, ଅନୁଗୋଳ, ଝାରସୁଗୁଡା, ସମ୍ବଲପୁର ଓ ବରଗଡରେ ଦିନର ସର୍ବୋଚ୍ଚ୍ ତାପମାତ୍ରା ୩୯ ଡିଗ୍ରୀ ରହିପାରେ। ସେହିପରି ଭୁବନେଶ୍ୱର ଓ କଟକରେ ଆସନ୍ତାକାଲି ତାପମାତ୍ରା ଯଥାକ୍ରମେ ୩୭ ଓ ୩୮ ଡିଗ୍ରୀକୁ ଖସି ଆସିବ।

## ଅନନ୍ତ ଜେନାଙ୍କ ନୂଆ ଚ୍ାଲ୍; ଟିକେଟ ପାଇଁ ମହିଳାଙ୍କୁ କରୁଛନ୍ତି ଅସ୍ତ୍ର !





ଭୁବନେଶ୍ୱର,୬।୪(ପି.ଏନ): ବିଜେଡି ନାରା ଦେଉଛି 'ମାଆଙ୍କୁ ସମ୍ମାନ,ଗାଁକୁ କାମ'। ହେଲେ ସେହି ମାଆଙ୍କୁ ଆଜି ଦିଆଯାଉଛି ଧମକ। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଓକିଲାତି କରିବାକୁ କୁହାଯାଉଛି। ଏପରି ନକଲେ ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ସବୁ ଯୋଜନାରୁ ବଞ୍ଚିତ କରାଯିବ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। ସେହି ମେସେଜ ଗୁଡିକ ଏବେ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ଭାଇରାଲ୍ ହେଉଥିବା ମେସେଜ ଓ ଚ୍ିଠି ଗୁଡିକ ଅନନ୍ତ ନାରାୟଣ ଜେନା ପଠାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ମନଇଚ୍ଛା ବର୍ଷିଛନ୍ତି ଅନନ୍ତ ନାରାୟଣ ଜେନାଙ୍କ ଘୋର ବିରୋଧୀ ତଥା ବିଜେଡି ନେତା ଅମରେଶ ଜେନା। ଭୁବନେଶ୍ୱର ମଧ ନିର୍ବାଚ୍ନମଣ୍ଡଳୀରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରୁପ୍‌କୁ ଗତ ଦୁଇ ଦିନ ହେଲା ଆସି କିଛି ମେସେଜ୍। ଯେଉଁଥିରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଆଉ ଥରେ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ପାଇଁ କୁହାଯାଇଛି। ସେହି ମେସେଜକୁ ଅନ୍ୟ ମହିଳା ଗ୍ରୁପ୍ ଓ ସୋଶାଲ ମିଡିଆରେ ଶେଆର କରିବାକୁ ମଧ କୁହାଯାଇଛି। ଏହାଛଡା ଆଉ କିଛି ମେସେଜ୍ ?ରେ ଲେଖାଯାଇଛି, ରବିବାର ଦିନ ସାଢ଼େ ୩ଟାରେ ଲକ୍ଷ୍ମୀସାଗର ମେଳଣ ପଡିଆରେ ୧୦କୁ ୧୦ ମେମ୍ବର ଆସି ପହଞ୍ଚିବେ। ଯେଉଁମାନେ ନଆସିବେ ସେମାନଙ୍କୁ ଗ୍ରୁପ୍ ?ରୁ ବହିଷ୍କାର କରାଯିବ। ସବୁ ସୁବିଧାରୁ ବଞ୍ଚିତ କରାଯିବ ବୋଲି ଲେଖାଯାଇଛି। ଯାହାକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଭିତରେ ଛନକା ପଶିଛି।

## ଭାଇରାଲ ଅଡ଼ିଓ ଏବଂ ରୁଚିକା ଆତ୍ମହତ୍ୟା ଘଟଣାର ତଦନ୍ତ ରିପୋର୍ଟ ତୁରନ୍ତ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର

ଭୁବନେଶ୍ୱର,୬।୪(ପି.ଏନ): ଆଜି କଂଗ୍ରେସ ଭବନ ଠାରେ ରାଜ୍ୟ ଯୁବ କଂଗ୍ରେସ ତରଫରୁ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ମିଡ଼ିଆ ସେଲ୍ ଅଧକ୍ଷ ସୁଦିପ୍ ସାମଲ ଏକ ସାମ୍ବାଦିକ ସମ୍ମିଳନୀରେ ବହୁଚର୍ଚ୍ଚିତ ରୁଚୀକା ମହାନ୍ତି ଆତ୍ମହତ୍ୟା ଘଟଣା ଏବଂ ଭାଇରାଲ ଅଡ଼ିଓ ସମ୍ବନ୍ଧରେ ରାଜ୍ୟ ସରକାର ଏବଂ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବିଗତ ଦିନରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏବଂ ଭୁବନେଶ୍ୱର ଡିସିପିଙ୍କୁ ଦେଖାକରି ମଧ୍ୟ ଯୁବ କଂଗ୍ରେସ ଏ ସମ୍ବନ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ଜଣାଇଥିଲା। ଏହା ମଧ୍ୟରେ ବହୁଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆନଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଥିଲେ। ଭାଇରାଲ ଅଡ଼ିଓରେ ଯେଉଁ ସ୍ୱରଟି ଶୁଭୁଛି ତାହା ଭୁବନେଶ୍ୱରର ଜଣେ ବିଧାୟକ ବୋଲି ପୁନଃଦାବି କରିବା ସହ ଏହାର ତଦନ୍ତ ସଠିକ୍ ଭାବେ ହେଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଦୋହରାଇଛନ୍ତି। ରୁଚୀକା ମହାନ୍ତିଙ୍କ ବିଦେଶ ପଠାଯାଇଥିବା ମୋବାଇଲଟି କେବେ ଆସିବ ଏବଂ ସେଥିରୁ କ'ଣ ତଥ୍ୟ ମିଳିଛି କାହିଁକି ପ୍ରଶାସନ ସାର୍ବଜନୀନ କରୁନି ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାର ନାରୀକୁ ସମ୍ମାନ କଥା କହୁଥିବାବେଳେ ରୁଚୀକାର ପରିବାରକୁ କିଭଳି ସମ୍ମାନ ଏବଂ ନ୍ୟାୟ ଦିଆଗଲା ଏହା ଓଡ଼ିଶାବାସୀ ବିଚାର କରିବେ। ନବୀନ ବାବୁ ତାଙ୍କ ଶାସନ କାଳରେ ଯେଉଁମାନେ ଏଭଳି ଅପରାଧିକ କାଣ୍ଡରେ ଲିପ୍ତ ଅଛନ୍ତି ସେମାନଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ପୁରସ୍କୃତ କରୁଛନ୍ତି। ଏହା କ'ଣ ବିଜୁବାବୁଙ୍କର ସ୍ୱପ୍ନ ଥିଲା? ବହୁ ଆଶାରଖି ଓଡ଼ିଶାର ପୁରପଲ୍ଲୀରୁ ଅଭିଭାବକମାନେ ପାଠ ପଢ଼ାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ରାଜଧାନୀକୁ ପଠାଇଥାନ୍ତି। କିନ୍ତୁ ଦୁଃଖର ବିଷୟ ଶାସକ ଦଳର ଏଭଳି କିଛି ନେତାଙ୍କ ପାଇଁ ସେମାନେ ଏବେ ଅସୁରକ୍ଷିତ ମନେ କରୁଛନ୍ତି। ପୋଲିସ୍ ପ୍ରଶାସନ କଣ ପାଇଁ ଏବଂ କାହା ସ୍ୱାର୍ଥ ପାଇଁ ଏଭଳି ବ୍ୟକ୍ତିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଘଂଟ ଘୋଡାଉଛି ଏହା ପ୍ରଶ୍ନବାଚୀ ହେଉଛି। ଆଇନ୍ ତା ବାଟରେ ଯିବା କଥା କହୁଥିବା ନବୀନ ବାବୁ କିନ୍ତୁ ଆଇନ୍‌କୁ ତାଙ୍କ କଥାରେ ନେଉଛନ୍ତି ବୋଲି ସ୍ପଷ୍ଟ ଅନୁମେୟ ହେଉଛି। ଯୁବ କଂଗ୍ରେସ ତରଫରୁ ସରକାର ଏବଂ ପ୍ରଶାସନକୁ ଚେତାଇ ଦିଆଯାଇଛି ଯେ, ଆଗାମୀ ୨୪ ଘଂଟା ମଧ୍ୟରେ ଯଦି ରୁଚୀକା ମହାନ୍ତି ଆତ୍ମହତ୍ୟା ଘଟଣା ତା ସହିତ ଭାଇରାଲ ହେଇଥିବା ଅଡ଼ିଓରେ ଭୁବନେଶ୍ୱରର କେଉଁ ବିଧାୟକଙ୍କର ସଂପୃକ୍ତ ଅଛି ତାହା ଯଦି ସ୍ପଷ୍ଟ ନ କରାଯାଏ ଏବଂ ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ ନ କରାଯାଏ ତାହାଲେ ଯୁବ କଂଗ୍ରେସ ତରଫରୁ କମିସନରେଟ୍ କାର୍ଯ୍ୟାଳୟ ସହ ପୁଲିସ୍ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇବା ସହ ଓଡ଼ିଶାର ପ୍ରତ୍ୟେକଟି ଗାଁ ଗାଁ ରେ ସରକାରଙ୍କର ନାରୀ ନିର୍ଯ୍ୟାତନା ନୀତିକୁ ଲୋକଙ୍କ ପାଖରେ ପହଂଚାଇ ନବୀନ ସରକାରର ଅସଲ ଚେହେରାର ଖୋଲାସା କରିବ ବୋଲି ଗଣମାଧ୍ୟମ ସମ୍ମୁଖରେ ଶ୍ରୀ ସାମଲ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୋପନ ମାର୍ଥା, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ସ୍ୱାଗତ କର,

ସୁନ୍ଦର ସକାଳ







# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଙ୍କ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନ କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା: ପ୍ରଥମ ସ୍ୱାଧୀନତା ସଂଗ୍ରାମୀର ବଳିଦାନ ଓ ନିଷ୍ଠା

**ବିପ୍ଳବୀ ବୀର ରାମ ସିଂହ:** ସେ ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ। ତାଙ୍କ ଗ୍ରାମ ନାମ ଉଲ୍ଲେଖ ନାହିଁ। **ବିପ୍ଳବୀ ନାଥ ପ୍ରଧାନ:** ସେ ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ।

**ବିପ୍ଳବୀ ନରସିଂହ ପାଇକରାୟ:** ସେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହରେ ନେତୃତ୍ୱ ନେଇଥିଲେ। ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ। **ପଦ୍ମନାଭ ଛୋଟରାୟ:** ସେ ପାଇକ ବିଦ୍ରୋହର ଜଣେ ପ୍ରମୁଖ ବିପ୍ଳବୀ ଥିଲେ। ଭୁବନେଶ୍ୱର ବଡଗଡ଼ର ଅଧିବାସୀ ଥିଲେ। ତାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା। ସଂପ୍ରତି ତାଙ୍କ ବଂଶର ଶ୍ୟାମସୁନ୍ଦର ସାମନ୍ତରାୟ ଦାୟାଦ ଭାବେ ବଡଗଡ଼ରେ ଅଛନ୍ତି। ପଦ୍ମନାଭ ଛୋଟରାୟ ମଧ ଦାରୁଠେଙ୍ଗ ଗଡ଼ର ଦଳେଇ ପଦରେ ଥିଲେ ବୋଲି "R. ker"ଙ୍କ ଚିଠିରୁ ଜଣାପଡେ। "The fate of of other leaders was also sealed.One such was padmanav chhotra of the most notorious robbers of the country. He was of or caste aged 45 and was the Dalaee of Garh Darootunga of Kille Khurda. He was charged with number of dacoities by the authorities. R. Ker is December 1818 believed to be the head of a considerable number of paiks is the jungles."

**ପୀତବାସ ମଙ୍ଗରାଜ:** ଜଣେ ମହାନ୍ ସଂଗ୍ରାମୀ ଥିଲେ। ତାଙ୍କର ଗ୍ରାମ ଜଟଣୀ ନିକଟସ୍ଥ ଖୁଦୁପୁର ବୋଲି ଜଣାପଡ଼େ। ସେ ଆଜୀବନ କାରାଦଣ୍ଡ ପାଇଥିଲେ।

**ଦେବାନ୍ କୃଷ୍ଣଚନ୍ଦ୍ର ଭ୍ରମରବରରାୟ:** ଦେବାନ୍ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଥିଲେ ଖୋର୍ଦ୍ଧା ରାଜାଙ୍କର ମନ୍ତ୍ରୀ। ତାଙ୍କ ପିତା ଦେବାନ ହରିହର ଭ୍ରମରବର ରାୟ ଯଥେଷ୍ଟ କ୍ଷମତାଶାଳୀ ଥିଲେ। ବକ୍ସି ଜଗବନ୍ଧୁଙ୍କର ପ୍ରଧାନ ସହଯୋଗୀ ଥିଲେ ଦେବାନ କୃଷ୍ଣଚନ୍ଦ୍ର। ତାଙ୍କର ସମସ୍ତ ଭୂସମ୍ପତି ବାଜ୍ୟାପ୍ତି କରାଯାଇଥିଲା। ଏହା ବ୍ଲଣ୍ଟଙ୍କ ତା ୪.୯.୧୮୨୩ ରିଖ ପତ୍ରରୁ ଜଣାପଡେ। ଖୋର୍ଦ୍ଧାର ଜଏଣ୍ଟ ମାଜିଷ୍ଟ୍ରେଟ୍ ଉଇଲକିନ୍ସନଙ୍କ କଟକ କମିଶନର ଜେ. ପ୍ୟାକେନହାମ୍‌ଙ୍କୁ ତା ୨.୧.୧୮୨୬ ରେ ଦେଇଥିବା ପତ୍ରରୁ ଜଣାପଡ଼େ। ସରକାରଙ୍କ କ୍ଷମାପ୍ରଦାନ ସର୍ତ୍ତରେ ରାଜିକରାଇ ତାଙ୍କୁ ଆତ୍ମସମର୍ପଣ କରାଯାଇଥିଲା। ତାଙ୍କୁ ରାଜି କରାଯାଇଥିବା ହେତୁ ପୂର୍ବ ଘୋଷିତ ଦୁଇ ହଜାର ଟଙ୍କା ପୁରସ୍କାର ଶ୍ୟାମ ସୁନ୍ଦର ଭଂଜ, ରାଘବ ପଟ୍ଟନାୟକ, ଦାରୋଗା ହେମ ପ୍ରସାଦ ରାୟ ଓ ସିରସ୍ତାଦାର ସେକ୍ ସାଦିକ ଅଲ୍ଲୀଙ୍କୁ ପ୍ରଦାନ କରାଯାଇଥିଲା। ଏବେ ଦେବାନ୍‌ଙ୍କ ବଂଶଧର କୁରାଢମଲ୍ଲ ଠାରେ ଅବସ୍ଥାନ କରୁଛନ୍ତି। ପୂର୍ବରୁ ତାଙ୍କ ଉଆସ ଛତ୍ରମା ଗଡ଼ରେ ଥିଲା । ପୂର୍ବରୁ ଉଆସ ଥିବା ସ୍ଥାନକୁ ଲାଗି ଏକ ପୋଖରୀ ଅଛି, ଯାହା ଦେଓ୍ୱାନ ପୋଖରୀ ନାମରେ ପରିଚିତ ।

**ବିପ୍ଳବୀ ଦାମ ସୁବୁଦ୍ଧି:** ସିକୋ ଗ୍ରାମର ଦାମ ସୁବୁଦ୍ଧି ବକ୍ସିଙ୍କର ଜଣେ ପ୍ରଧାନ ସରଦାର। 'ପାଇକ ବିଦ୍ରୋହ' ପୁସ୍ତକର ୮୬ ପୃଷ୍ଠାରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ସମ୍ବନ୍ଧରେ ନିମ୍ନମତେ ଉଲ୍ଲେଖ କରିଛନ୍ତି। "ମେଳି ଯୋଗୁଁ ସେ ସିକୋ ଛାଡି ପିଲା କୁଟୁମ୍ବଙ୍କୁ ଧରି ଆଠମଲ୍ଲିକରେ ଆଶ୍ରୟ ନେଇଥିଲେ। ଆଠମଲ୍ଲିକର ଜମିଦାର ଅଗଷ୍ଟ ମାସ ଶେଷ ସପ୍ତାହରେ ତାଙ୍କୁ ଧରି ମେଜର ରଫସେଡ଼ଜଙ୍କ ଠାରୁ ସମ୍ବଲପୁରକୁ ପଠାଇଦେଲେ। ବୌଦ ବାଟେ ପଠାଇଲେ କାଳେ ଜଗବଂଧୁ ଜାଣିପାରିବେ ଏହି ଉଦ୍ଦେଶ୍ୟରେ ଦାମଂକୁ ଆଠମଲ୍ଲିକରୁ ରେଢ଼ାଖୋଲ ପଠାଇ ଦିଆଗଲା। ସେଠାରୁ ତାଙ୍କୁ ସମ୍ବଲପୁର ପ୍ରେରଣ କରାଗଲା। ଦାମ ସୁବୁଦ୍ଧିଙ୍କୁ ୧୮୧୮ ଅଗଷ୍ଟ ୩୦ ତାରିଖରେ ଧରାଇଥିବାରୁ ସରକାରଙ୍କ ପକ୍ଷରୁ ଆଠମଲ୍ଲିକ ଜମିଦାରଙ୍କୁ ଏକ ହଜାର ଟଙ୍କା ପୁରସ୍କାର ମିଳିଥିଲା। ସମ୍ବଲପୁର ରାଣୀ ମୁକ୍ତାଦେଇ ପାଞ୍ଚଗଡ଼ରୁ ସମ୍ବଲପୁର ଯିବା ବାଟରେ ବିଦ୍ରୋହୀ ପାଇକଙ୍କ ଦ୍ୱାରା ଆକ୍ରମଣ ଶିକାର ହେଲେ। ସେଥିରେ ରାଣୀଙ୍କର ବହୁତ ଜିନିଷପତ୍ର ଲୁଟିକରି ପାଇକମାନେ ନେଇଗଲେ। ଦାମ ସୁବୁଦ୍ଧି ଏମାନଙ୍କ ଭିତରେ ଥିଲେ। ସେ ୧୮୧୭ ଅକ୍ଟୋବର କିଂବା ନଭେମ୍ବର ମାସଠାରୁ ଜଗବଂଧୁଙ୍କଠାରୁ ଅଲଗା ହୋଇ ରହିଥିଲେ। ସିକୋରେ କୁଟୁମ୍ବଙ୍କୁ ଧରି ନିବାସ କରିବା ନିରାପଦ ମନେ ନ କରି ସେ ଗଡ଼ଜାତ ଅଞ୍ଚଳରେ ପଶି ବିଦ୍ରୋହ ଯେପରି ତେଜି ରହିବ ତା'ର ବ୍ୟବସ୍ଥା କରୁଥିଲେ। ଦାମ ସୁବୁଦ୍ଧିଙ୍କର ଆଉ କେତେଜଣ ବିଦ୍ରୋହୀ ସହଯୋଗୀ ଆଠମଲ୍ଲିକରେ ଲୁଚି ରହିଥିଲେ। ଏତଦ୍‌ବ୍ୟତୀତ ତାଂଙ୍କ ସହ ତାଙ୍କର ଦୁଇଭାଇ ନିତ୍ୟାନନ୍ଦ ମଙ୍ଗରାଜ ଓ ସୋମନାଥ ପାଟଶାହାଣୀ (ବୟସ ପ୍ରାୟ ୪୦) ଓ ପୁତୁରା ଦାଶରଥି ପାଇକରା (ବୟସ ୧୯) ମଧ୍ୟ ଥିଲେ।

**ବିଦ୍ରୋହୀ ଦୀନବନ୍ଧୁ ସାମନ୍ତରାୟ:** ବାଣପୁର ଅଂଚଳର ପାଇକ ସର୍ଦ୍ଦାର ଥିଲେ ଦୀନବଂଧୁ ସାମନ୍ତରାୟ । ତାଙ୍କ ପାଖରେ ଘୁମୁସର ଅଂଚଳର ଶହେ ପାଇକ ଦରମା ପାଇ କାମ କରୁଥିଲେ। ଏହାଛଡ଼ା ନିଜ ଅଂଚଳର ଶହେ ପାଇକ ମଧ ତାଙ୍କ ଅଧୀନରେ ଥିଲେ । ଏହି ଦୁଇ ଶହ ପାଇକଙ୍କ ସାହାଯ୍ୟରେ ସେ ସେହି ଅଂଚଳରେ ମେଳିକୁ ତେଜେଇ ରଖିଥିଲେ ।  ବେଲ୍ ସାହେବ ଦୀନବଂଧୁଙ୍କୁ ଧରିବା ପାଇଁ ଯାଇଥିବାବେଳେ ସୋଲରୀ ପାହାଡ଼ ଘଂଚ ଜଙ୍ଗଲ ତଳେ କିଛି ଧାନ ରହିଥିବା ଦେଖିବାକୁ ପାଇଥିଲେ । ଏହା  ବ୍ୟତୀତ ଗୋଟିଏ ଝୈକୀ, ଗୋଟିଏ ସତରଞ୍ଜି, ଗୋଟିଏ ବନ୍ଧୁକ, କେତୋଟି କମରପଟି, ଗୋଟିଏ ପାଇକ ପଗଡ଼ି, ବନ୍ଧୁକ ମସଲା, ଚାରି କି ପାଂଚଟା ଲୁହାନଳୀ ଥିଲା । ଏସବୁ ଇଂରେଜ ସୈନ୍ୟଦଳ ଜବତ କରି ବାଣପୁରକୁ ଆଣିଥିଲେ । ଏହି ପାହାଡ଼ରେ ମିଳିଥିବା ଗୁଳିଗୋଳାସବୁର ଓଜନ ପ୍ରତ୍ୟେକ ଦେଢ଼ ପାଉଣ୍ଡ ଥିଲା ବୋଲି ବେଲ ସାହେବ କମାଣ୍ଡର ହ୍ୱାଇଟ ସାହେବଙ୍କୁ ୧୮୧୮ ଜୁନ ୧୫ ତାରିଖରେ ଲେଖିଥିବା ଚିଠିରୁ ଜଣାପଡ଼େ । ଦୀନବଂଧୁଙ୍କ ପିଲା କୁଟୁମ୍ବ ଭାଟପଡ଼ା ନିକଟସ୍ଥ ଗ୍ରାମମାନଙ୍କରେ ରହୁଥିଲେ । ସେମାନଙ୍କ ମଧ୍ୟରୁ ଜଣକର ହାତକୁ ଇଂରେଜ ସୈନ୍ୟ କାଟିଦେଇଥିଲେ । ଅରାଙ୍ଗ ଠାରେ ବେଲ ସାହେବ ଦୀନବଂଧୁଙ୍କ ଆଡ୍ଡା ଉପରେ ଚଢ଼ାଉ କଲାବେଳେ ତାଙ୍କ ସାଥିରେ ଷାଠିଏ ଜଣ ନଳୀଧାରୀ ପାଇକ, ତେର ଜଣ ଧନୁର୍ଦ୍ଧାରୀ ପାଇକ ଥିଲେ । ଦୀନବଂଧୁ ସାମନ୍ତରା, ତାଙ୍କର ସହଯୋଗୀ ଅଚ୍ୟୁତ ସାମନ୍ତରା ଓ ଅରାଙ୍ଗର ପାଂଚ ପାଇକ ସର୍ଦ୍ଦାର ୧୯୧୭ ନଭେମ୍ବର ୬ ତାରିଖରେ ଓ୍ୱାଟସନ୍‌ଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ ।

**ରଥି ସାମନ୍ତସିଂହାର :** ଚିଲିକା କୂଳ ଛତ୍ର ଗଡ଼ର ବିଶୋଇ ରଥି ସାମନ୍ତସିଂହାର ଜଣେ ଯୋଦ୍ଧା ଥିଲେ । ତାଙ୍କ ଅଧିନରେ ୫ ଶହ ପାଇକ ଥିଲେ । ସେ ଘୁମୁସୁରରୁ ଆସିଥିବା କନ୍ଧମାନଙ୍କ ସହ ମିଶି ବାଣପୁରର ଖଜଣାଖାନା ଲୁଟ୍ ଆଦିରେ ପ୍ରମୂଖ ଭୂମିକା ନେଇଥିଲେ । ଖୋର୍ଦ୍ଧା ଜଏଂଟ୍ ମାଜିଷ୍ଟ୍ରେଟ୍‌ଙ୍କୁ ବାଣପୁରସ୍ଥ କମାଣ୍ଡିଂଙ୍ଗ ଅଫିସର ଲେଫ୍ଟନାଂଟ୍ ଜି.ବି. କେରଙ୍କ ପତ୍ର (ତା୨୯.୮.୧୮୧୮) ଅନୁସାରେ ବିଦ୍ରୋହୀ ନେତା ରଥି ସାମନ୍ତସିଂହାର ଓ ତାଙ୍କ ତିନି ସହଯୋଗୀ ବିଦ୍ରୋହୀ ବିଶ୍ୱେଶ୍ୱର ପାଇକରାୟ, ପରମାନନ୍ଦ ଓ ସତ୍ୟବାଦୀ ଧରାହେଲେ । ସେମାନଙ୍କୁ କାରାଦଣ୍ଡ ହୋଇଥିଲା ।

**ଅନ୍ୟାନ୍ୟ ପ୍ରମୁଖ ବିଦ୍ରୋହୀ:** ପାଇକ ବିଦ୍ରୋହରେ ପ୍ରମୁଖ ଭୂମିକା ନିର୍ବାହ କରି ଧରାପଡ଼ି ଯଦିଓ ଫାଶୀ ପାଇନଥିଲେ ସେମାନଙ୍କ ମଧରେ ଗଙ୍ଗପଡ଼ାର ଦଳବେହେରା ଭାଗୁ ହରିଚନ୍ଦନ ଓ ତାଙ୍କ ଭାଇ ମାଖନ ସିଂହ, ଗଙ୍ଗପଡ଼ାର ଚିତ୍ର ସାମନ୍ତରାୟ, ଛତ୍ରଗଡ଼ର ବିଶୋଇ ରଥି ସାମନ୍ତସିଂହାର, ସାଧୁ ଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ, କୁଜଙ୍ଗର ବିଦ୍ରୋହୀ ନେତା ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁଙ୍କ ନାମ ଉଲ୍ଲେଖଯୋଗ୍ୟ । ସଦର ନିଜାମତ୍‌ଙ୍କ ତା୨୧.୧୨.୧୮୧୮ ଆଦେଶ ମତେ କୁଜଙ୍ଗ ପାଇକଙ୍କର ପ୍ରଖ୍ୟାତ ବିଦ୍ରୋହୀ ନେତା ନାରାୟଣ ପରମଗୁରୁ ଏବଂ ବାମଦେବ ପଟ୍ଟଯୋଶୀଙ୍କୁ କଠିନ ପରିଶ୍ରମ ସହ ଯାବଜ୍ଜୀବନ ରାଜ୍ୟ ବାହାରେ ଆଲିପୁର ଜେଲରେ ନିର୍ବାସନ କାରାଦଣ୍ଡାଦେଶ ହୋଇଥିଲା ।

**ଶହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ:** ପାଂଚଗଡ଼ରେ ସମ୍ବଲପୁର ରାଣୀ ମୁକ୍ତାଦେଈଙ୍କ ଦେଓ୍ୱାନ ସଦାଶିବ ରାୟ ବହିଦାରଙ୍କ ହତ୍ୟାକାଣ୍ଡରେ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା । ରାଣୀ ମୁକ୍ତାଦେଈ ସମ୍ବଲପୁରର ଶେଷ ସ୍ୱାଧୀନ ରାଜା ଜୟନ୍ତ ସିଂହଙ୍କ ତିନି ରାଣୀଙ୍କ ମଧ୍ୟରୁ ଜଣେ । ରାଜ ଜୟନ୍ତ ସିଂହ ମରହଟ୍ଟାମାନଙ୍କ ଦ୍ୱାରା ବନ୍ଦୀ ଓ ପରେ ଇଂରେଜମାନଙ୍କ ଦ୍ୱାରା ମୁକ୍ତ ହୋଇଥିଲେ । ଏପରି ରାଜ୍ୟର ଘନଘଟା ସମୟରେ ସମ୍ବଲପୁର ରାଣୀ ମୁକ୍ତାଦେଈଙ୍କୁ ଇଂରେଜ କମ୍ପାନୀ ସରକାର ତାଙ୍କୁ ପ୍ରଥମେ କଟକ ଆଣି ପାଂଚଗଡ଼ ଇଷ୍ଟେଟ୍‌କୁ ବାର ହଜାର ଟଙ୍କା ଦାମ୍‌ରେ କିଣି ଏବଂ ସଁପୁର ଠାରେ ରାଣୀଙ୍କ ପାଇଁ ନଅର ତୋଳି ସେଠାରେ ଅବସ୍ଥାପିତ କରିଥିଲେ । ରାଣୀଙ୍କ ପାଇଁ ନଅର ଓ ଦେଓ୍ୱାନଙ୍କ ପାଇଁ ବାସଗୃହ ନିର୍ମିତ ହୋଇଥିଲା । ପାଂଚଗଡ଼ ଇଷ୍ଟେଟ୍‌ରେ ବୋଲଗଡ଼, ବୋଲଗଡ଼, ବାଙ୍କୋଇ, ମାଣିବନ୍ଧ, ମାଣିକାଗୋଡ଼ା, ହଳଦୀପଦା, ଗୋଡ଼ିଆଳି ସମେତ ସଁପୁର ଆଦି ଗଡ଼ ଥିଲା । ଇଂରେଜମାନଙ୍କ ଆଗମନ ୧୮୦୩-୦୪ରୁ ଖୋର୍ଦ୍ଧା ଅଂଚଳର ଲୋକମାନେ ସେମାନଙ୍କ ଜମିର କର ଯେପରି କମ୍ପାନୀ ସରକାରଙ୍କୁ ଦେଉଥିଲେ, ସେହିଭଳି ପାଂଚଗଡ଼ର ପ୍ରଜାମାନେ ସଁପୁରରେ ରହୁଥିବା ରାଣୀ ଓ ତାଙ୍କ ଦେଓ୍ୱାନ ସଦାଶିବ ରାୟ ବହିଦାରଙ୍କୁ ଦେଉଥିଲେ ।  ଯଦି ଦେଓ୍ୱାନ ସଦାଶିବଙ୍କ ହତ୍ୟା କରାଯାଇନଥାନ୍ତା, ହୁଏତ ପାଂଚଟି ଗ୍ରାମକୁ ନେଇ ହଳଦିଆ ଜମିଦାରୀ ଇଷ୍ଟେଟ୍ ପରି ପାଂଚଗଡ଼ ଏକ ଇଷ୍ଟେଟ୍ ରୂପେ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ରହିଥାନ୍ତା ଏବଂ ପାଂଚଗଡ଼ ରାଜଧାନୀ ସଁପୁର ଗଡ଼ର ପରିଚୟରେ ସ୍ୱତନ୍ତ୍ରତା ରହିଥାନ୍ତା । ପାଂଚଗଡ଼ ମେଳି ବା ସଦାଶିବ ବହିଦାରଙ୍କ ହତ୍ୟା ପରେ ପାଂଚଗଡ଼ ଓ ମାଣିକାଗୋଡ଼ା ଦୁଇଟି ଜିଲ୍ଲାରେ ପରିଣତ ହୋଇ ଖୋର୍ଦ୍ଧା କିଲ୍ଲାରେ ରହିଥିଲା ବୋଲି ଦିଗମ୍ବର ଶ୍ରୀଚନ୍ଦନ 'ଖୁରୁଧା ଦର୍ପଣ' ପୁସ୍ତକରେ ଉଲ୍ଲେଖ କରିଛନ୍ତି । ପାଂଚଗଡ଼ର ଲୋକମାନେ ସ୍ୱାଧୀନଚେତା ଓ ଇଂରେଜ ବିରୋଧୀ ମନୋଭାବାପନ୍ନ ଥିଲେ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସ' ପୁସ୍ତକର ୭୨ ପୃଷ୍ଠାରେ ପାଂଚଗଡ଼ ଲୋକଙ୍କର ତତ୍କାଳୀନ ମାନସିକ ଅବସ୍ଥା ନିମ୍ନମତେ ବର୍ଣ୍ଣନା କରିଛନ୍ତି: "ପାଂଚଗଡ଼ ଲୋକେ ସରକାରୀ ଲୋକଙ୍କୁ ଏବଂ ସୈନ୍ୟ ବାହିନୀଙ୍କୁ ଧାନ ଚାଉଳ ବିକ୍ରି କରିବାକୁ ମଙ୍ଗୁ ନଥିଲେ । ଏହି ମନୋଭାବ ଛାଡ଼ିବାକୁ ଲୋକଙ୍କ ଉପରେ ଆଦେଶ ଜାରି ହେଲା ।" ପ୍ୟାରୀମୋହନ ଆଚାର୍ଯ୍ୟଙ୍କ "ଓଡ଼ିଶା ଇତିହାସ"ରେ ଖୋରଧା ଇଂରେଜମାନେ ଦଖଲ କଲାବେଳେ ପାଂଚଗଡ଼ର ଲୋକମାନେ ଖଜଣା ନଦେବାରୁ ତାଙ୍କୁ କରାୟତ କରିବା ପାଇଁ ବୋଲଗଡ଼ ଓ କୁଶପଲ୍ଲୀ ପ୍ରଗଣା ଗୋବିନ୍ଦପୁର ଠାରେ ଦୁଇଟି ପୁଲିସ ଫାଣ୍ଡି ଇଂରେଜ ସରକାର ସ୍ଥାପନ କଲେ ବୋଲି ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ ସମୟରେ ଗୋବିନ୍ଦପୁର ଫାଣ୍ଡି ବେଗୁନିଆକୁ ସ୍ଥାନାନ୍ତରିତ ହୋଇଗଲା ।

ପାଇକ ବିଦ୍ରୋହର ପ୍ରଥମ ଅଗ୍ନି ସ୍ଫୁଲିଙ୍ଗ ହୋଇଥିଲା ବାଣପୁରରେ । ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ଇଂରେଜ ବିରୋଧୀ ମନୋଭାବ ଯୋଗୁଁ ଘୁମୁସର ଅଂଚଳର କନ୍ଧ ବିପ୍ଳବୀ ନେତା ଦୋହରା ବିଶୋୟୀଙ୍କ ପ୍ରେରଣାରେ କନ୍ଧମାନେ ବାଣପୁରର ଦାମିଆ ବରବରା ଓ ନୀଳାଦ୍ରିପ୍ରସାଦ ଘଂଚ ଅରଣ୍ୟ ଦେଇ ବାଣପୁରର ସରକାରୀ ଖଜଣା ଖାନା ଲୁଟ୍ ଓ ସରକାରୀ ଦପ୍ତର ପୋଡ଼ିବା ଉଦ୍ଦେଶ୍ୟରେ ଆସିଥିଲେ ।  ଏହାର ସୁଯୋଗ ନେଲେ ପାଇକବିଦ୍ରୋହର ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ଓ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ । ସେଠାରେ କନ୍ଧ ପାଇକଙ୍କ ସହ ଭାଟପଡ଼ା ଦଳବେହେରା, ଦିନବନ୍ଧୁ ସାମନ୍ତରାୟ ଓ ଛତ୍ରଗଡ଼ର ବିଶୋୟୀ, ରଥି ସାମନ୍ତସିଂହାରଙ୍କ ପାଇକ ସୈନ୍ୟମାନେ ଯୋଗ ଦେଇ ବାଣପୁର ଥାନା ପୋଡ଼ି, ଖଜଣାଖାନା ଲୁଟ୍ ଆଦି କରି ପାଂଚଗଡ଼ ଆଡ଼େ ମୁହାଁଇଲେ । ବାଟରେ କୁହୁଡ଼ିର ଦଳେଇ, ବନ୍ଧୁ ସାନ୍ତରା ଓ ସିକୋ ସର୍ଦ୍ଦାର ଦାମ ସୁବୁଦ୍ଧି ସେମାନଙ୍କ ଅନୁଗତ ପାଇକମାନଙ୍କୁ ନେଇ ଯୋଗ ଦେଲେ ।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ପାଂଚଗଡ଼ ଠାରେ ଉପସ୍ଥିତ ହେବା ପରେ ଦେଓ୍ୱାନ ସଦାଶିବଙ୍କୁ ହତ୍ୟା ଓ ସଁପୁର ଠାରେ ଥିବା ରାଣୀଙ୍କ ନଅରକୁ ଲୁଣ୍ଠନ ଆଦି କରିଥିଲେ । ରାଣୀ ମୁକ୍ତାଦେଈ ତାଙ୍କ ପରିଜନଙ୍କ ସହ ଖଣ୍ଡପଡ଼ାରେ ଆଶ୍ରୟ ନେଇ କଟକ ପଳାଇ ଯାଇଥିଲେ । ପରେ ସେ କଟକରୁ ସମ୍ବଲପୁର ଚାଲିଯାଇଥିଲେ । ଏହାର ବିବରଣ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ 'ବୋଲଗଡ଼ ଇତିହାସ', ଦିଗମ୍ବର ଶ୍ରୀଚନ୍ଦନଙ୍କ 'ଖୁରୁଧା ଦର୍ପଣ' (ପୃ-୧୯୯), ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶଙ୍କ 'ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ଇତିହାସ' ଓ  ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ 'ଯଶୋଦେହେ ଆୟୁଷ୍ମାନ୍' (ପୃ-୭୪୨) ଓ ଫକୀର ହରିଚନ୍ଦନଙ୍କ 'ଖୋରଧା ଇତିହାସର ଅନ୍ତରାଳେ' (ପୃ-୩୦)ରେ ବର୍ଣ୍ଣିତ ହୋଇଛି ।

**ଶହୀଦ ବିଷ୍ଣୁ ପାଇକରାୟ ଓ ଶହୀଦ କପିଳେଶ୍ୱର ଡିଆଁବାଘ:** ବରୁଣେଇ ପାହାଡ଼ର ପୂର୍ବ ଦିଗରେ ଜଟଣୀରୁ ଆଇ.ଆଇ.ଟିକୁ ଯିବା ରାସ୍ତାରେ ପଡ଼େ ଖୁଦୁପୁର । ଏହା ଏକ ଐତିହ୍ୟ ପ୍ରସିଦ୍ଧ ଗ୍ରାମ । ଏହି ଗ୍ରାମ ସମ୍ପର୍କରେ ସଦାଶିବ ରଥଶର୍ମା ଅମର ଚରିତ ପୁସ୍ତକର ଚତୁର୍ଥ ଭାଗ ୨୩ ପୃଷ୍ଠାରେ ଲେଖିଛନ୍ତି - "ବରୁଣେଇ ତଳେ ଖୁଦୁପୁର ମୌଜାର ଘଟଭଙ୍ଗାବର ନାମକ ବରଗଛ, ଯାହାଙ୍କ ଏହି କିମ୍ବଦନ୍ତୀର ଛାୟା ଘେନି ସମ୍ୟକ ଭାବରେ ପରିଚିତ । ସେହିଠାରେ ଉକ୍ତ ଅବାସ୍ତବ ଘଟ ଭାଙ୍ଗି ଦେଇ ଓଡ଼ିଶାର ଗଜପତି ଆତ୍ମଗୋପନ କରିଥିଲେ । ମହାରାଜା ପ୍ରଥମେ ଖୁଦୁପୁର ଛୋଟରାୟଙ୍କ ଉଆସରେ କିଛି ସମୟ ରହି ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ସେଠାରୁ ପୁରୀ ଚାଲିଯାଇଥିଲେ । ଏହି ଖୁଦୁପୁର ଗ୍ରାମ ଆୟତନରେ କ୍ଷୁଦ୍ର ହୋଇଥିବାରୁ ଖୁଦୁପୁର ହୋଇଅଛି କିମ୍ବା ଖୋଦ୍ ସେନାପତିଙ୍କର ଗ୍ରାମ ଥିବାରୁ ଖୋଦପୁରରୁ ଖୁଦୁପୁର ହୋଇଛି ବୋଲି 'ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଖୋରଧାର ଅବଦାନ' ପୁସ୍ତକର ୧୯୭ ପୃଷ୍ଠାରେ ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟ ଓ ପ୍ରଫେସର ପ୍ରଫୁଲ୍ଲ କୁମାର ପାଇକରାୟ ଉଲ୍ଲେଖ କରିଛନ୍ତି । ଖୁଦୁପୁର ଦଳପତି ଓ ତାଙ୍କ ଭାୟା ପ୍ରଜାପୁଞ୍ଜ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ଗଙ୍ଗପଡ଼ା ଠାରେ ହୋଇଥିବା ଯୁଦ୍ଧରେ ଗଙ୍ଗପଡ଼ା ଦଳବେହେରା, ଭାଗୁ ହରିଚନ୍ଦନ ଓ ମାଖନ ସିଂହ ନେତୃତ୍ୱ ନେଇଥିଲେ । ଉଭୟ ବିଷ୍ଣୁ ପାଇକରାୟଙ୍କ ମାମୁ ଥିଲେ । ଇଂରେଜମାନେ ଶୁଣିବାକୁ ପାଇଲେ ଖୁଦୁପୁର ଠାରେ ଭାଗୁ ଓ ମାଖନ ସିଂହ ଆତ୍ମଗୋପନ କରିଛନ୍ତି । ସେମାନେ ଖୁଦୁପୁର ଉଆସ ଘେରାଉ କରି ତାଙ୍କୁ ଫାଶୀ ଦେଇଥିଲେ ଓ ତାଙ୍କ ଭାଇ କପିଳେଶ୍ୱର ଡିଆଁବାଘକୁ ଅମାନୁଷିକ ଦଣ୍ଡ ଦେଇଥିଲେ ମଧ ତାଙ୍କର ମାମୁ ଗଙ୍ଗପଡ଼ା ଦଳବେହେରା କେଉଁଠାରେ ଅଛନ୍ତି ବୋଲି କହିନଥିଲେ । ପରିଶେଷରେ ତାଙ୍କୁ ଫାଶୀ ଦିଆଯାଇଥିଲା । ତେଣୁ ଖୁଦୁପୁରରେ ଏବେମଧ ସେ କାହାଣୀ ଲୋକମୁଖରେ ଜୀବିତ ହୋଇ ରହିଅଛି । ପରିଶେଷରେ ବିଦ୍ରୋହୀ ଭାଗୁ ମାଖନ ଧରା ପଡ଼ିଥିଲେ । *"ଜଗତର ଲୋକ ଦେଖ ଯା ଆସି/ମାମୁ ଲାଗି ଭଣଜା ପାଇଲେ ଫାଶୀ"। (ପାଇକ ବିଦ୍ରୋହ ପୃ-୨୦, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ)*

ପାଇକ ବିଦ୍ରୋହର ଅନେକ ଶହୀଦ ହୋଇଛଂତି, କାରାବରଣ କରିଛଂତି ଓ ଦ୍ୱୀପାନ୍ତରଦଂଡ଼ ଭୋଗିଛଂତି । ସେମାନଙ୍କର ଏକ ତାଲିକା ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ରଚିତ 'ପାଇକ ବିଦ୍ରୋହ' ପୁସ୍ତକର ୧୩୯ ପୃଷ୍ଠାରେ ୧୮୧୮ ଓ ୧୮୧୯ରେ ଦଣ୍ଡିତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଛଂତି । ଭାରତର ପ୍ରଥମ ଗଣବିପ୍ଳବ ପୁସ୍ତକର ୬୧ ଓ ୬୨ ପୃଷ୍ଠାରେ ଡ. ଲକ୍ଷ୍ମୀ ନାରାୟଣ ରାୟସିଂହ ଉକ୍ତ ତାଲିକା ମଧ ପ୍ରଦାନ କରିଛଂତି । ତାଙ୍କ ତାଲିକା ଅନୁସାରେ (୧) ଚରଣ ପଟ୍ଟନାୟକଙ୍କୁ ହତ୍ୟା ଅଭିଯୋଗରେ ପର୍ଶୁରାମଙ୍କୁ ଫାଶୀ (୨) ସଦାଶିବଙ୍କୁ ମାରିଥିବା ଅଭିଯୋଗରେ ସଚ୍ଚିଦାନନ୍ଦଙ୍କୁ ଫାଶୀ (୩) ଗୋପାଳ ଛୋଟରାୟଙ୍କୁ ଫାଶୀ (୪) ବଂଶୀ ପାଇକରା ଫାଶୀ (୫) ରାମସିଂହ ଫାଶୀ, (୬) ନାଥ ପ୍ରଧାନ ଫାଶୀ (୭) ନରସିଂହ ଫାଶୀ ଏହା ବ୍ୟତୀତ ୪ ଜଣଙ୍କୁ ଯାବଜ୍ଜୀବନଙ୍କୁ ସଶ୍ରମ କାରାଦଣ୍ଡ, ୯ ଜଣଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ, ୧୦୨ ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡ, ୨୫ ଜଣଙ୍କୁ ପ୍ରଦେଶରୁ ଅସ୍ଥାୟୀ ଭାବେ ବହିଷ୍କାର, ୨୬ ଜଣଙ୍କୁ କାରାଦଣ୍ଡ ଓ ଦ୍ୱୀପାନ୍ତର ହୋଇଥିବା ବ୍ୟକ୍ତିମାନଙ୍କର ନାମ ତାଲିକା ପ୍ରକାଶ ପାଇଛି । କିଂନ୍ତୁ ସେମାନଙ୍କର ଗ୍ରାମ ଠିକଣା ନଥିବାରୁ ସେମାନଙ୍କୁ ଚିହ୍ନଟ କରିହେଉ ନାହିଁ ।

ପାଇକ ବିଦ୍ରୋହରେ ୫୫୦ ଇଂରେଜ ସୈନ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ର ଗୁଳି ବନ୍ଧୁକ ନେଇ ଖୋର୍ଦ୍ଧାରୁ ପୁରୀ ଗଲାବେଳେ ଦୋବନ୍ଧା ଠାରେ ନଦୀବନ୍ଧ ଉପରେ ଥାଇ ତଳେ ଥିବା ପାଇକମାନଙ୍କୁ ତୋପ ଏବଂ ବନ୍ଧୁକ ସାହାଯ୍ୟରେ ଗୁଳିକରି ମାରିବାରେ କେତେ ଯେ ପାଇକ ମୃତ୍ୟୁବରଣ କରିଥିବେ ତା'ର ବିବରଣୀ ମଧ ନାହିଁ । କୁଜଙ୍ଗ ବିଦ୍ରୋହ ସମୟରେ ଇଂରେଜ ସିପାହୀମାନେ ପାରାଦ୍ୱୀପ ଗ୍ରାମରେ ପନ୍ଦର ଜଣ ପାଇକଙ୍କୁ ହତ୍ୟା କଲେ । (୨୦) ସେମାନଙ୍କର ନାମ, ଗ୍ରାମ କିଛି ଉଲ୍ଲେଖ ନାହିଁ । ଏଭଳି ଅନେକ ସ୍ଥାନରେ ପାଇକମାନେ ଶହୀଦ ହୋଇଥିବେ ସେମାନଙ୍କ ତଥ୍ୟ ମଧ୍ୟ ଉପଲବ୍ଧ ନୁହେଁ ।

ପାଇକ ବିଦ୍ରୋହ ୧୮୧୭ ରୁ ୧୮୨୫ ମସିହା ଦୀର୍ଘ ଆଠ ବର୍ଷ ଧରି ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା । ଏହାପରେ ୧୮୨୭ ରେ ତାପଙ୍ଗଗଡ଼ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଇଂରେଜ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ୬ ଦିନ ଧରି କାଣ୍ଡଗୋଦା ଠାରେ ହୋଇଥିଲା । ଏହି ଯୁଦ୍ଧରେ ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ । ଏହି ଯୁଦ୍ଧର ବର୍ଣ୍ଣନା ଜଣେ ପ୍ରତ୍ୟକ୍ଷଦର୍ଶୀ ମଧୁସୂଦନ ବିପ୍ର 'ଫିରିଙ୍ଗି କଳି ଭାରତରେ' ବର୍ଣ୍ଣନା କରିଛଂତି । କେବଳ ଦଳବେହେରାଙ୍କ ସେନାପତି ଝିଙ୍କିଝାରୀର ଧନୁର୍ଦ୍ଧର ଶ୍ରୀଚନ୍ଦନ ନିହତ ହେବା ବର୍ଣ୍ଣନା ହେବା ସହ ଉଭୟ ପକ୍ଷର ନିହତ ସୈନ୍ୟଙ୍କ ସଂଖ୍ୟା ଉଲ୍ଲେଖ ଥିବାବେଳେ ସେମାନଙ୍କ ନାମ ଉଲ୍ଲେଖ ହୋଇନାହିଁ । ଏହି ଯୁଦ୍ଧରେ ଶହୀଦ ହୋଇଥିବା ସଂଗ୍ରାମୀ ସେନାପତି ଧନୁର୍ଦ୍ଧର ଶ୍ରୀଚନ୍ଦନ ପ୍ରାତଃ ସ୍ମରଣୀୟ । ତାପଙ୍ଗ ଯୁଦ୍ଧର ମହା ନାୟକ ଦଳବେହେରା ଯେଭଳି ମହାଯୋଦ୍ଧା ଥିଲେ ସେଭଳି ଦାନବୀର ଥିଲେ । ତାଙ୍କର କୀର୍ତ୍ତି ଯୁଗ ଯୁଗ ଧରି ଅମ୍ଳାନ ରହିବ ।

ତାପଙ୍ଗ ଯୁଦ୍ଧ ପରେ ୧୮୩୬ରେ ବାଣପୁରରେ ବିଦ୍ରୋହ ହୋଇଥିଲା । ଏହାକୁ 'ବାଣପୁର ବିଦ୍ରୋହ' ବା 'ପଂଚୁଆ ପଂତୁରି' ବୋଲି ଲୋକମୁଖରେ କୁହାଯାଏ । ଏହାର ନେତୃତ୍ୱ ନେଇଥିଲେ ଅରାଙ୍ଗଗଡ଼ର ଦଳବେହେରା କୃତିବାସ ପାଟ୍ଟଶାହାଣୀ । ତାଙ୍କ ନେତୃତ୍ୱରେ ପାଇକମାନେ ୧୮୩୬ ମସିହା ଜୁନ୍ ୪, ୫, ୬ ତାରିଖ ତିନି ଦିନ ଧରି ବାଣପୁରରୁ ଗୋରା ପଲଟଣକୁ ତଡ଼ି ବାଣପୁରକୁ ସ୍ୱାଧୀନ ଘୋଷଣା କରିଥିଲେ । ବିଦ୍ରୋହ ଦମନ ପରେ ୯ ମାସ ଧରି ବିଚାର ଚାଲିବା ପରେ କଟକର କମିଶନର ତା୨୫.୦୩.୧୮୩୭ରିଖ ଚିଠି ନଂ.୬୧୦ ରେ ବ୍ରିଟିଶ ସରକାରଙ୍କୁ ପଠାଇଥିବା ଚିଠି ମୁତାବକ ଶରଣ ସିଂହ, କୃତିବାସ ପାଟ୍ଟସାହାଣୀ, ଶିବୁ ନାୟକ ଓ ପିଣ୍ଡକୀ - ୪ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ, ଜଳଧର ନାୟକ ଓ ଅନ୍ୟ ୨୨ ଜଣଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ, ଶୁକଦେବ ଦାସ ଓ ଅନ୍ୟ ୩୭ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ନାଲୁ ସାଉ ଓ ଅନ୍ୟ ୧୪ ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା ।

ଇଂରେଜମାନଙ୍କ ଆଗମନ ଖ୍ରୀ ୧୮୦୩ ରୁ ୧୮୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ଓଡ଼ିଶା ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା ପ୍ରଦର୍ଶନ କରେ । ଏହି ସଂଗ୍ରାମରେ ଭାଗନେଇଥିବା ସଂଗ୍ରାମୀ ଓ ଶହୀଦମାନେ ଏ ମାଟିର ପୂଜ୍ୟ ଓ ନମସ୍ୟ । ଯୁଗ ଯୁଗ ଧରି କାଳ ବକ୍ଷରେ ସେମାନଙ୍କ କୀର୍ତ୍ତି ଅମଳିନ ରହିବ ।

# ବିଜେପି ପ୍ରତିଷ୍ଠା ଦିବସ ପାଳିତ

## (ରାଷ୍ଟ୍ରପତି ସମର୍ପିତ ଭାବ ନେଇ ସେବା ହିଁ ସଂଗଠନ ମାର୍ଗରେ ଅନୁପ୍ରାଣିତ ପାଇଁ ଆହ୍ୱାନ)



ତାଳଚେର:ତା୬/୪: ବିଶ୍ୱର ସର୍ବବୃହତ ପାର୍ଟି ବିଜେପିର ପ୍ରତିଷ୍ଠା ଦିବସ ତାଳଚେର ହନୁମାନ ମନ୍ଦିର ଠାରେ ପାଳନ କରାଯାଇଛି ।ବିଜେପିର ତାଳଚେର ପୌର ମଣ୍ଡଳ ର କାର୍ଯ୍ୟକର୍ତା ମାନେ ଉପସ୍ଥିତ ରହି ହନୁମାନ ମନ୍ଦିର ରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ପୂଜାର୍ଚ୍ଚନା କରିବା ସହ ପାର୍ଟି ର ପ୍ରତିଷ୍ଠା ଦିବସ ପାଳନ କରିଥିଲେ।୧୯୮୦ମସିହା ରେ ଆଜିର ଦିନରେ ବିଜେପି ପ୍ରତିଷ୍ଠା ହୋଇ ଆଜି ୪୪ ବର୍ଷରେ ୧୮ କୋଟି କାର୍ଯ୍ୟକର୍ତା କୁ ନେଇ ବିଶ୍ୱର ସର୍ବବୃହତ ପାର୍ଟି ରେ ପହଂଚିଛି ।ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଶ୍ୟାମା ପ୍ରସାଦ ମୁଖାର୍ଜୀ, ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡ଼ଭାନୀ ଙ୍କ ଭଳି ମହାପୁରୁଷ ଙ୍କର ତ୍ୟାଗ ତପସ୍ୟା ,ଏକାତ୍ମ ମାନବବାଦ,ଅନ୍ତୋଦୟ ବିଚାର କୁ ପାଥେୟ କରି ପାର୍ଟି କାର୍ୟରତ ।ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ କାର୍ଯ୍ୟକ୍ରମ ଆଧାର ରେ ବିଜେପି ଆଜି ଦେଶରେ ସାଧାରଣ ଲୋକଙ୍କ ର ହୃଦୟ ରେ ସ୍ଥାନିତ ହୋଇ ପାରିଛିବୋଲି ବହୁ ବକ୍ତା ପ୍ରକାଶ କରିଥିଲେ ।ପୌର ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ବିଜେପି ଅନୁଗୁଳ ଯୋନ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ରାଜ୍ୟ ପରିଷଦ ସଦସ୍ୟ ଅଖିଳ ସାମଲ, କାଳନ୍ଦି ପ୍ରଧାନ,ଦୟା ସାଗର ମିଶ୍ର,ନିରୋଜ ଦାସ, ଜ୍ଞାନେନ୍ଦ୍ରିୟ ସେଠି ,ଜଗଦିଶ୍ୱର ସାହୁ,ସଂଯୁକ୍ତା ମହାରଣା, ମୃଣାଳିନୀ ପଟ୍ଟନାୟକ, ମିଲ୍ଲୀ ପ୍ରଧାନ,କାଉନସିଲର ଅନିତା ବିଶ୍ୱାଳ,କବିତା ବେହେରା, ଅଶୋକ ସାମନ୍ତ, ଅଜୟ ସାହୁ,ବିଜୟ ନାଏକ ,କ୍ଷେତ୍ରବାସୀ ନାଏକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ନିମନ୍ତେ ସହାୟତା ରାଶି ପ୍ରଦାନ

ଧାମରା, (ପିଏନ): ଆଦାନୀ ଧାମରା ପୋର୍ଟର ସିଏସ୍ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଜାଗୁଳା ଗ୍ରାମପ ।ୟତ ଅନ୍ତର୍ଗତ ଜୟଦୁର୍ଗାପାଟଣା ଗ୍ରାମର ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ଦୁଇ କନ୍ୟାଙ୍କୁ ଶିକ୍ଷା ନିମନ୍ତେ ସହାୟତା ରାଶିପ୍ରଦାନ କରାଯାଇଛି । ଏହି ସହାୟତାକୁ ସ୍ୱୀକାର କରି ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ସ୍ୱାମୀ ମାନସ କୁମାର ଗିରି କହିଛନ୍ତି କି ଆଦାନୀ ଧାମରା ପୋର୍ଟ



କଠିନ ସମୟରେ ସବୁବେଳେ ଲୋକଙ୍କ ସହ ଛିଡା ହୋଇଛି । ଏହି ସହାୟତା ମୋ ପିଲାଙ୍କୁ ନିରବଚ୍ଛିନ ଶିକ୍ଷା ଦେବାରେ ସାହାଯ୍ୟ କରିବ । ଅଭିଲିପ୍ସା ବ  ମାନ କୋଇଥଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଛନ୍ତି । ଶ୍ରୀମତୀ ଗିରି ଆଦାନୀ ଫାଉଣ୍ଡେସନର ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ସଙ୍ଗିନୀ ଭାବେ କାର୍ଯ୍ୟରତ ଥିଲେ । ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ତାଙ୍କର ଉତ୍ସର୍ଗୀକୃତ ଅବଦାନର ସ୍ୱୀକୃତି ଭାବେ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କର ଦୁଇ କନ୍ୟା ଅଭିଲିପ୍ସା ପ୍ରିୟଦର୍ଶିନୀ (୫ବର୍ଷ) ଓ ସୋନାକ୍ଷୀ (ଦେଢ ବର୍ଷ)ଙ୍କୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ ନିମନ୍ତେ ଏହି ରାଶି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଆଦାନୀ ଧାମରା ପୋର୍ଟ ଏହାର ସିଏସ୍ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ମାଧ୍ୟମରେ ଏହାର ପାରିପାର୍ଶ୍ୱିକ ତଥା ରେଳ କରିଡରରେ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ସିଏସ୍ଆର୍ ପଦକ୍ଷେପ ଗ୍ରହଣ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟର ଭି ିଭୂମି ବିକାଶ ହେଉଛି ମୁଖ୍ୟ କ୍ଷେତ୍ର ।

## ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟରେ ଅମୃତ ମହୋତ୍ସବ ପାଳନ




ଧର୍ମଶାଳା,୧୨।୮(ପିଏନ୍):  ଧର୍ମଶାଳା ବ୍ଲକ ନରସିଂହପୁର ସ୍ଥିତ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଅମୃତ ମହୋତ୍ସବ ପାଳନ ହୋଇଯାଇଛି । ଅଧକ୍ଷ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବାରବାଟୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ନାୟକ, ପ୍ରତିଷ୍ଠାତା ସଂପାଦକ ଅନନ୍ତ ଚରଣ ସାହୁ ଯୋଗଦେଇ ଭାରତୀୟ ସଂଗ୍ରାମରେ ସର୍ବଶ୍ରେଷ୍ଠ ତ୍ୟାଗ ଓ ବଳିଦାନ ଦେଇଥିବା ଦେଶର ବରପୁତ୍ର ମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସୁଜାତା ଦାସ ସ୍ୱାଗତ ଭାଷଣ ଦେଇ ଅମୃତ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଗିରିଧାରୀ ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ଗୌରୀଶଙ୍କର ମିଶ୍ର, ପ୍ରମିଳା ଦାଶ ପ୍ରମୁଖ ଆଲୋଚନାରେ ଭାଗନେଇ ସମସ୍ତଙ୍କ ବାସଗୃହରେ ତ୍ରିରଙ୍ଗା ଉଡ଼ାଇବା ସହିତ ସାଧାରଣ ଲୋକଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟାପିକା ପ୍ରମିଳା ଦାଶ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା ।

## ଜନ୍ମଦିବସରେ ଅସହାୟଙ୍କୁ ଛତା ବଣ୍ଟନ

ଭୁବନେଶ୍ୱର (ପିଏନ୍): ସମାଜସେବୀ ଦେବଦତ୍ତ ବାସୁଦେବ ମିଶ୍ରଙ୍କ୭୨ତମ ଜନ୍ମ ଦିବସ ଅବସରରେ ବମିଖାଲ କାର୍ଗିଲ ବସ୍ତିଠାରେ ଅସହାୟ ବ୍ୟକ୍ତିମାନଙ୍କୁ ଛତା ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ମହିମା ସେବା ଫାଉଣ୍ଡେସନ୍‌ର ସଭାପତି ନାରାୟଣ ଖୁଣ୍ଟିଆ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଉପସ୍ଥିତ ରହିବା ସହିତ ଅସହାୟଙ୍କ ସେବା ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶା ସଂସ୍କୃତି ପରମ୍ପରାର ପ୍ରତୀକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶ୍ରୀଯୁକ୍ତ ମିଶ୍ରଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ପରଚାଳନା କରିଥିଲେ ।

## ଧର୍ମଶାଳା ବିଡିଓଙ୍କ ବଦଳି

ଧର୍ମଶାଳା (ପିଏନ୍): ପଂଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଥିବା ୩୨ ଜଣ ବିଡିଓଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଏହି କ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ବିବାଦୀୟ ବିଡିଓ ଅରବିନ୍ଦ ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ବିଡିଓ ଶ୍ରୀ ଅରବିନ୍ଦ ଗତ ଏକବର୍ଷ ହେଲା ଧର୍ମଶାଳା ବ୍ଲକରେ ବିଡିଓ ଭାବେ କାର୍ଯ୍ୟକରି ବିଭିନ୍ନ ଘଟଣାରେ ବିବାଦୀୟ ହୋଇପଡିଥିଲେ । ତେବେ ତାଙ୍କୁ ଅନୁଗୁଳ ବିଡିଓ ଭାବେ ବଦଳି କରାଯାଇଥିବା ପଂଚାୟତିରାଜ ବିଭାଗ  ଚିଠି ସଂଖ୍ୟା ୧୫୫୩୩ରେ ଆଜି ଜଣାଯାଇଛି ।

## ଛେଳି ଚୋର ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ସିଦ୍ଧପାଳ ଗ୍ରାମରୁ ପୁଲିସ ୨ ଜଣ ଛେଳିଚୋରଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ବାଇକ ଜବତ କରିଛି ।  ସୂଚନା ମୁତାବକ ଏହି ଥାନା ଚାରଗୋଠ ଗ୍ରାମର ଅନିଲ ମଳିକ (୨୮) ଓ ସିଦ୍ଧପାଳ ଗ୍ରାମର ମାନସ ମଳିକ (୨୭) ସୋମବାର ରାତିରେ ଏହି ଥାନା ଚାରଗୋଠ ଗ୍ରାମର ନବଘନ ମଳିକଙ୍କ ଗୁହାଳରୁ ଛେଳି ଚୋରି କରି ଓଡି-୩୪-ଏଚ-୩୮୨୯ ନଂ ବାଇକରେ ନେଇ ସିଦ୍ଧପାଳସ୍ଥିତ ମାନସଙ୍କ ଘରେ ରଖିଥିଲେ । ଏଥିନେଇ ଛେଳି ମାଳିକ ନବଘନ ଥାନାରେ ଅଭିଯୋଗ କରିବାରୁ ପୁଲିସ ୨୧୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ବାଇକକୁ ଜବତ କରିଥିଲା । ଉଭୟ ଅନିଲ ଓ ମାନସଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅପ୍ରେଲ ୭

## ଗ୍ରୀଷ୍ମ ପ୍ରବାହ ପ୍ରତି ସତର୍କ ହୁଅ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଓଡିଶା ସମେତ ଦେଶର ବିଭିନ୍ନ ଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଚଳିତ ଏପ୍ରିଲ ଆରମ୍ଭରୁ ଆରମ୍ଭ ହୋଇଯାଇଛି । ଦିନକୁ ଦିନ ଉତାପ ବଢିବାରେ ଲାଗିଛି । ଏପ୍ରିଲ ଆରମ୍ଭରୁ ଆମ ରାଜ୍ୟରେ କେତେକ ସ୍ଥାନରେ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ ଅତିକ୍ରମ କରିସାରିଲାଣି । ଆଗକୁ ୧୦ରୁ ୨୦ଦିନ ପର୍ଯ୍ୟନ୍ତ ଅସହ୍ୟ ଗ୍ରୀଷ୍ମ ପ୍ରବାହ (ହ୍ୱିଟୱେଭ) ଜାରି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଚେତାବନୀ ଦେଇଛି । ସାଧାରଣତଃ ଚାରିରୁ ଆଠଦିନ ପର୍ଯ୍ୟନ୍ତ ଅସହ୍ୟ ଗ୍ରୀଷ୍ମପ୍ରବାହ (ହିଟୱେଭ) ପ୍ରତିବର୍ଷ ଅନୁଭୂତି ହେଉଥିବାବେଳେ ଚଳିତ ବର୍ଷ ଏହାର ଦୁଇଗୁଣରୁ ଅଧିକ ଦିନ ପର୍ଯ୍ୟନ୍ତ ଜାରି ରହିବ । ଚଳିତ ବର୍ଷ ଯେ, ଖରାଦିନେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ, ଏହା ଏବେଠାରୁ ଜଳଜଳ ହୋଇ ଦେଖାଗଲାଣି । ଏହା ନିସନ୍ଦେହ ଯେ, ଆମ ରାଜ୍ୟ ବା ଦେଶରେ ଗ୍ରୀଷ୍ମଋତୁରେ ଅସହ୍ୟ ଗ୍ରୀଷ୍ମପ୍ରବାହ ନୂଆ ନୁହେଁ । ଜଳବାୟୁ ପରିବର୍ତନ ପ୍ରଭାବରେ ଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ହେଲାଣି ଦେଶରେ ଗ୍ରୀଷ୍ମପ୍ରବାହ ଅଧିକରୁ ଅଧିକ ହେବାରେ ଲାଗିଛି । କେବଳ ଏତିକି ନୁହେଁ, ଦେଶର ବହୁଭାଗରେ ବସନ୍ତ ଋତୁର ପ୍ରଭାବ ହ୍ରାସ ପାଉଥିବାବେଳେ ଗ୍ରୀଷ୍ମଋତୁର ଅବଧି ବଢିବାରେ ଲାଗିଛି । ଗତବର୍ଷ ୨୦୨୩ରେ ଗ୍ରୀଷ୍ମକାଳର ଅବଧି ଜୁନ ମାସ ପର୍ଯ୍ୟନ୍ତ ବଢିବା ଏବଂ ଜୁନ ମଧ୍ୟଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହ ହେବା ଏହାର ଜ୍ୱଳନ୍ତ ଉଦାହରଣ । ଗତ ୨୦୨୨ ମସିହାରେ ଦେଶରେ ମାର୍ଚ୍ଚ ମାସରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିଲା, ଯାହାକି ୧୯୦୧ ମସିହା ପରେ ପ୍ରଥମ ଥିଲା । ଅର୍ଥାତ ୧୯୦୧ ମସିହା ପରଠାରୁ ୨୦୨୨ରେ ମାର୍ଚ୍ଚ ସବୁଠାରୁ ଉତପ୍ତ ଥିଲା । ସେହିପରି ୨୦୨୩ ବିଗତ ଶତାବ୍ଦୀ ମଧ୍ୟରେ ସବୁଠାରୁ ଉତପ୍ତ ଥିଲା ବୋଲି ବିଶ୍ୱର ବହୁ ନାମୀ ପାଣିପାଗ ସଂସ୍ଥା ଆକଳନ କରିଥିବା ବେଳେ ଚଳିତ ବର୍ଷ ତା'ଠାରୁ ଅଧିକ ଗ୍ରୀଷ୍ମପ୍ରବାହ ହେବ ବୋଲି ଚେତାବନୀ ଦେଇଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ମାସ ଦେଶର କେତେକ ଭାଗରେ ସ୍ୱାଭାବିକ ଠାରୁ ଦିନର ତାପମାତ୍ରା ଅଧିକ ରହିଥିବା ଅନୁଭୂତି ହୋଇଛି । ଚଳିତବର୍ଷ ଓଡିଶା ସମେତ ଗୁଜରାଟ, କର୍ଣ୍ଣାଟକ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର ବହୁ ଭାଗ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦ୍ୱାରା ପ୍ରଭାବିତ ହେବା ନେଇ ଆଇଏମଡି ଚେତାବନୀ ଦେଇଛି । ଏହାର ପ୍ରଭାବରେ ଜଳାଭାବ, ପାନୀୟ ଜଳ ସଂକଟ, ଉତ୍କଟ ହେବା ସାଙ୍ଗକୁ ଶୀତ ଦିନିଆ ଶସ୍ୟ ବିଶେଷ କରି ଗହମ ଅମଳ ବିଶେଷ ଭାବରେ ପ୍ରଭାବିତ ହେବ । ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୦ ମସିହାରେ ଦେଶରେ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଉଭାବନ ଧାର୍ଯ୍ୟ ଲକ୍ଷ୍ୟ ପୁରଣ ହୋଇପାରିନଥିଲା । କେବଳ ଏତିକି ନୁହେଁ ଦକ୍ଷୀଣ ଭାରତୀୟ ରାଜ୍ୟ କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁର ସମେତ ବିଭିନ୍ନ ଅଂଚଳରେ ଚଳିତ ବର୍ଷ ପାନୀୟ ଜଳ ସଂକଟ କାହାରିକୁ ଅଛପା ନଥିବ ବୋଧହୁଏ । ଆଗକୁ ଜଳାଭାବ ପରିସ୍ଥିତି ଆହୁରି ସଂଗୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହା ନିସନ୍ଦେହ ଯେ, ବିଶ୍ୱତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତନ ର ପ୍ରଭାବ ଯୋଗୁଁ ବିଶ୍ୱ ଜଳବାୟୁ ଭୟଙ୍କର ହେବାରେ ଲାଗିଛି । ଯାହାର ପ୍ରଭାବରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବାରେ ଲାଗିଛି । ଯାହାର ସିଧାସଳଖ ପ୍ରଭାବ ମଣିଷ, ପ୍ରାଣୀଜଗତ ଏବଂ ଜୀବଜଗତ ଉପରେ ପଡିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ । ବିଶେଷ କରି ଚଳିତ ବର୍ଷର ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତ ଜନିତ ମୃତ୍ୟୁର ଆଶଙ୍କା ସୃଷ୍ଟି କରିଛି । ୧୯୯୮ ମସିହାରେ ଆମ ରାଜ୍ୟରେ ୩୦୦୦ ରୁ ଅଧିକ ଲୋକଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିଲା । ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶରେ ୧୦,୦୦୦ରୁ ଅଧିକ ଲୋକଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟ କହେ । ଚଳିତ ବର୍ଷ ଅଂଶୁଘାତଜନିତ ମୃତ୍ୟୁର ଯେପରି ପୁନରାବୃତି ଘଟେ, ସେଥିପ୍ରତି ସତର୍କତା ଅବିଳମ୍ବ ଜରୁରୀ ହୋଇପଡିଛି । କହିବା ବାହୁଲ୍ୟ ଯେ, ଚଳିତ ବର୍ଷ ଦେଶରେ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଏପ୍ରିଲରୁ ଜୁନ ମାସ ମଧ୍ୟରେ ହେଉଛି । ନିଦାଘ ଖରାରେ ନିର୍ବାଚନ ପ୍ରଚାର, ସଭାସମିତି, ଶୋଭାଯାତ୍ରା ଅଂଶୁଘାତ ଜନିତ ମୃତ୍ୟୁର ଭୟ ସୃଷ୍ଟି କରିବା ସ୍ୱାଭାବିକ । ଏଥିପ୍ରତି ନିର୍ବାଚନ କମିଶନ, ରାଜନୈତିକ ଦଳ ଏବଂ ପ୍ରଶାସନ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ଉଲ୍ଲେଖଯୋଗ୍ୟ ଯେ, ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଅସହ୍ୟ ଗ୍ରୀଷ୍ମପ୍ରବାହ ଏବଂ ରୌଦ୍ରତାପ ବୃଦ୍ଧି ସତ୍ୱେ ୧୯୯୮ ମସିହା ପରଠାରୁ ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକାଯିବା ସମ୍ଭବ ହୋଇଛି । ଓଡିଶା ସରକାର ମଧ୍ୟ ଅଂଶୁଘାତ ମୃତ୍ୟୁକୁ ଏଡାଇବା ଲାଗି ଇତିମଧ୍ୟରେ କେତେକ ଗାଇଡଲାଇନ ଜାରି କରିସାରିଲେଣି । ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କ କାମ ଉପରେ କଟକଣା ଜାରି କରିଥିବାବେଳେ ଜରୁରୀ ନଥିଲେ ଘରୁ ନବାହାରିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଆଶୁ ଚିକିତ୍ସା ପାଇଁ ହସପିଟାଲଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି । କେବଳ ଓଡିଶା ନୁହେଁ, ଦେଶର ସମସ୍ତ ରାଜ୍ୟର ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି । ଏହା ନିଶ୍ଚିତ ଯେ, ବିଶ୍ୱ ଜଳବାୟୁ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି ପ୍ରଭାବରେ ଯେପରି ଗୀଷ୍ମକାଳରେ ଅବଧି ବଢିଚାଲିଛି ଏବଂ ଖରାର ପ୍ରକୋପ ବୃଦ୍ଧିପାରିଛି, ତାହାର ମୁକାବିଲା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ବିଶେଷ କରି ପାନୀୟଜଳ ସଂକଟ ନିୟନ୍ତ୍ରଣ ଏବଂ ମଣିଷ ଓ ପ୍ରାଣୀଜଗତ ଉପରେ ଏହାର ପ୍ରଭାବକୁ ରୋକିବା ପାଇଁ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି । ଆଇଏମଡିର ଚେତାବନୀ ପରେ ସତର୍କତା ଏବଂ ବୈଜ୍ଞାନିକ ଜ୍ଞାନ ଦ୍ୱାରା ଏହାର ମୁକାବିଲା ପାଇଁ ସରକାର ବେଳ ହୁଁ ସାବଧାନ ହେବା ଜରୁରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-
୯୪୩୭୯୯୪୩୭୯

## ପୁନର୍ଜନ୍ମିତ ହିଟଲର୍‌ର ଆତ୍ମପ୍ରକାଶ -୧



ପଙ୍କଜ କୁମାର ପାଣିଗ୍ରାହୀ

କଥାଟି ହୁଏତ କିଛି ହାସ୍ୟାସ୍ପଦ ଲାଗୁଛି କିମ୍ବା ଆଶ୍ଚର୍ଯ୍ୟାନ୍ୱିତ, କି'ନ୍ତୁ ଏହା ସତ୍ୟଯେ ମୁଁ ହେଉଛି ସେହି ହିଟଲର୍‌ର ପୁନର୍ଜନ୍ମିତ ଅବତାର ଯିଏ ଏକ ଅଭିନବ ଉପାୟରେ ମଣିଷ ସମାଜ ଉପରେ ପ୍ରକୋପ ସାଧନର ଧାରା ନେଇ ଆସିଛି !

ମୋ କଥାରେ ଯଦି ବିଶ୍ୱାସ ହେଉନାହିଁ ତା'ହେଲେ ସମୟକୁ ଅପେକ୍ଷା କର, ଦେଖିବ ମୋ ପରାକ୍ରମ... !

ହିଟଲର କହିଲେ ଆଉ କିଛି କହିବା ଆବଶ୍ୟକ ନାହିଁ ଜଣେ ପ୍ରାପ୍ତ ମସ୍ତିଷ୍କ ମଣିଷକୁ । ପ୍ରାୟତଃ ସମସ୍ତେ ଅଳ୍ପ ବହୁତେ ବୁଝିଛନ୍ତି ହିଟଲର୍ କାହାଣୀ । ହେଲେ ପୂର୍ବ ଜନ୍ମିତ ହିଟଲର୍ ଆଉ ଆଜି ସମୟର ତା'ର ପୁନର୍ଜନ୍ମ ମଧ୍ୟରେ ସମୟର ବ୍ୟବଧାନ ସହିତ ପ୍ରାକୃତିକ ପରିବେଶ ତଥା ମାନବ ସମାଜର ଅବର୍ଣ୍ଣନୀୟ ପରିବର୍ତ୍ତନ କାରଣରୁ ଯେଉଁ ସବୁ ପରିବର୍ତ୍ତିତ ବିକଳ୍ପ ପନ୍ଥା ଗ୍ରହଣ କରାଯାଉଅଛି ସେଗୁଡିକୁ ମଧ୍ୟ ବୁଝିବା ସାମର୍ଥ୍ୟ ବହିର୍ଭୁତ ସାଧାରଣ ଲୋକଙ୍କ କ୍ଷେତ୍ରରେ । କାରଣ ସାଧାରଣ ଲୋକଙ୍କୁ ସମୟ ସହିତ ତାଳ ଦେଇ ଯେଉଁ ଢଙ୍ଗରେ ପରିଚାଳିତ କରାଯାଉଅଛି ସେମାନେ ନିଜକୁ ସବୁ ବୁଝିବାର ଅଭିନୟ କରି କିଛି ବୁଝି ପାରନ୍ତି ନାହିଁ, ଏହା ହେଉଛି ପ୍ରାଥମିକ ସ୍ତରର ଷଡ଼ଯନ୍ତ୍ର । ସର୍ବାଦୌ ଷଡ଼ଯନ୍ତ୍ରକୁ ଯଦି ଏତେ ସହଜରେ ସାଧାରଣ ଲୋକେ ବୁଝିଯିବେ ତାହେଲେ ତାକୁ ଆଉ ଷଡ଼ଯନ୍ତ୍ର ବୋଲି କୁହାଯିବ କେମିତି ?! ପୂର୍ବ ସମୟରେ ସାଧାରଣ ଲୋକଙ୍କ ଯେତିକି ହିତାହିତ ଜ୍ଞାନ ରହିଥିଲା ଆଜି ସମୟରେ ତାହାର ଏକ ଦଶମାଂଶ ନଥାଇ ମଧ୍ୟ ଏମାନେ ନିଜକୁ ଜ୍ଞାନର ଚରମ ଶୀର୍ଷରେ ବୋଲି ବିଚାରୁଛନ୍ତି କେବଳ ସାମାଜିକ ପ୍ରହେଳିକା କାରଣରୁ ଯାହା ସୃଷ୍ଟି କରିବା ଆମର ପ୍ରଥମ ଲକ୍ଷ । ତାପରେ ବିଭିନ୍ନ ଉପାୟରେ ସେମାନଙ୍କୁ ବିଭାଜିତ କରି ଏକ ହିଂସାତ୍ମକ ପରିବେଶ ସୃଷ୍ଟି କରାଯିବା ଲକ୍ଷ ଆମର ପ୍ରାୟତଃ ସଫଳ ହେବାରେ ଲାଗିଛି । ଧିରେ ଧିରେ ଆମେ ସମସ୍ତଙ୍କୁ ଅକ୍ତିଆର କରି ଏକ କ୍ରୁର ରାଜତନ୍ତ୍ରର ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛୁ କେମିତି ବୁଝନ୍ତୁ ...

ଭୟର ବିକଳ୍ପ ଭଗବାନ ଓ ଜୀବନର ବିକଳ୍ପ ଆତ୍ମାକୁ ନେଇ ପ୍ରାଥମିକ ସ୍ତରର ଯେଉଁ ଖେଳ ମାଧ୍ୟମରେ ମଣିଷଙ୍କୁ ଅକ୍ତିଆର କରିବାର ଉପାୟ, ଆମର ଖୁବ୍ ଗଭୀର ଜ୍ଞାନ ରହିଛି ସେଇଥିରେ । ଅତଏବ ସାଧାରଣ ନିର୍ବୋଧଙ୍କୁ ଭଗବାନ ଓ ତାଙ୍କର ସାନିଧ ଉପରେ ଆଧାରିତ ବିକଳ୍ପ ଗୁଡିକୁ ତ୍ୱରାନ୍ୱିତ କରି ସେମାନଙ୍କ ଦୁର୍ବଳ ମାନସିକତାକୁ ଜିତିବା ଆମର ସର୍ବାଦୌ କାର୍ଯ୍ୟ । ତାପରେ ବିଭିନ୍ନ ଜାତି, ଧର୍ମ ତଥା ସାମ୍ପ୍ରଦାୟୀକ ଭେଦଭାବ ସୃଷ୍ଟି କରି ମଣିଷ ମଣିଷ ମଧ୍ୟରେ ଅନ୍ତର କରିବା ଭଳି କାର୍ଯ୍ୟରେ ଆମେ ନିପୁଣ । ସାଧାରଣ ସାମ୍ପ୍ରଦାୟୀକ ବିଭାଜନ ପରେ ଯଦି ଗୋଟିଏ ଗୋଷ୍ଠୀର ମଣିଷଙ୍କ ମଧ୍ୟରେ କୌଣସି କାରଣ ବଶତଃ ଦୃଢ଼ ସମଷ୍ଟିକରଣ ରହେ, ତାହା ଯେ ଆମକୁ ଦମନ ଲୀଳାରେ ବାଧକ ସୃଷ୍ଟି କରିବ ସେକଥାକୁ ଆମେ ଆଦୌ ପ୍ରତ୍ୟାଖ୍ୟାନ କରିନାହୁଁ । ଅତଏବ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ମଧ୍ୟ ବିଭାଜନ ସୃଷ୍ଟି କରିବା ଆମର ଲକ୍ଷକୁ ବିଭିନ୍ନ ଉପାୟରେ ସାକାର କରି ଆମେ ଚଳାଇବୁ ଆମ ରାଜତନ୍ତ୍ର ଯାହା ବୁଝିବା ବେଳକୁ ସାଧାରଣ ଲୋକ ଗୁଡିକ ଆମର ଭୃତ୍ୟ ହୋଇ ସାରିଥିବେ ।

ଇତି ମଧ୍ୟରେ ସାମାଜିକ ସ୍ତରରେ ଆର୍ଥିକ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କୃଷି କ୍ଷେତ୍ର ଗୁଡିକରେ ବ୍ୟାପକ ଦମନ ତଥା ସାଧାରଣ ଲୋକଙ୍କୁ ଅକ୍ତିଆର ବହିର୍ଭୁତ କରାନଗଲେ ଯେ ଏକ ଦମନଶୀଳ ରାଷ୍ଟ୍ର ଗଠନ କରିବା ସମ୍ଭାବନା କମ୍ , ସେ କଥାକୁ ଆଦୌ ନଜର ଅନ୍ଦାଜ କରାଯାଉ ନାହିଁ । ଏହି କ୍ରମରେ ଯୁଗୋପଯୋଗୀ / ସମୟସାପେକ୍ଷ ଷଡ଼ଯନ୍ତ୍ର ପ୍ରୟୋଗ ଯେ ଆମକୁ ଅତ୍ୟଧିକ ସମର୍ଥ ଜଡିତ ଏକ ଦମନଶୀଳ ରାଷ୍ଟ୍ର ଗଠନ ଦିଗରେ ଯଥେଷ୍ଟ ସହାୟକ ହେଉଛି ସେ କଥାକୁ ମଧ୍ୟ ଅନୁଶୀଳନ କରିବା କ୍ଷମତା ବହିର୍ଭୁତ ସାଧାରଣ ମଣିଷଙ୍କ ହାବଭାବ ବିଷୟରେ ଆଦୌ କିଛି ଜାଣିପାରୁ ନାହିନ୍ତି କେହି ଏହା କେବଳ ଆମର ଚତୁରତାର ପରିଚୟ ଦେଇଛି ଆଜି ସମୟରେ ତାକୁ ସ୍ୱୀକାର କରିବାକୁ ହେବ । ଅଦ୍ୟାବଧି ବିଭିନ୍ନ ସ୍ତରରେ ଯେଉଁ ସବୁ ଷଡ଼ଯାନ୍ତ୍ରୀକ ଉପାୟ ଅବଲମ୍ବନ କରାଯାଉଅଛି ସେଗୁଡ଼ିକରୁ କିଂଚିତ ଆଭାସ ଦେଇ ଆପଣଙ୍କ କର୍ତ୍ତବ୍ୟନିଷ୍ଠତାକୁ ସଚେତନ କରିବା ଲକ୍ଷ ରଖି ବର୍ଣ୍ଣିତ ଏହି ଆଧ୍ୟାୟଟି ଆପଣଙ୍କୁ ଦୁର୍ବଳ କରିବ କି ସବଳ ନିର୍ଭର ଆପଣଙ୍କ ନିଜସ୍ୱ ବିଚାରଧାରା ଉପରେ । ଜ୍ଞାନ ଶୂନ୍ୟ ପ୍ରମାଣପତ୍ର ସଂଯୁକ୍ତ ଶିକ୍ଷା ଦ୍ୱାରା ମଣିଷ ନିଜର ପେଟ ପୋଷିବା ପାଇଁ ସମର୍ଥ ହେବା ସଙ୍ଗେସଙ୍ଗେ ଦାସତ୍ୱ ସ୍ୱୀକାର କରି ଜୀବନ ସାରା ନିଜକୁ ଜଳାଞ୍ଜଳି ଦେଇ କାର୍ଯ୍ୟ କରିଥାଏ ଯାହା ଆମକୁ ଦମନଲୀଳାରେ ଯଥେଷ୍ଟ ସହଯୋଗ କରିବ । ତେଣୁ ତଦନୁଯାୟୀ ଶିକ୍ଷା ଏବଂ ତା ପରବର୍ତ୍ତୀ କ୍ରିତ ଚାକର କରିବାର ପ୍ରତିଶ୍ରୁତି ବ୍ୟବସ୍ଥାକୁ ଏମିତି ଏକ ସ୍ତରରେ ଆଣି ପହଂଚାଇ ଦିଆଗଲାଣି ଯାହା ସାଧାରଣ ଲୋକଙ୍କୁ ଅତ୍ୟନ୍ତ ମଧୁର ଆନନ୍ଦ ପ୍ରଦାନ କରୁଥିବା ବେଳେ ଆମର ଶାସନ ବ୍ୟବସ୍ଥାକୁ ଯଥେଷ୍ଟ ସହଯୋଗ କରୁଅଛି ଯାହା କୌଣସି ମଣିଷଙ୍କ ଚେତନାରେ ପସୁନାହିଁ । ଆଜିର ଏହି ଷଡ଼ଯାନ୍ତ୍ରୀକ ଜ୍ଞାନଶୁନ୍ୟ ପ୍ରମାଣପତ୍ର ସଂଯୁକ୍ତ ଶିକ୍ଷା ଦ୍ୱାରା ଆମେ ପାରିବାରିକ ବିଭାଜନ ଦିଗରେ କୃତକାର୍ଯ୍ୟ ହେଉଥିବା ବେଳେ ଶିକ୍ଷିତଙ୍କୁ ନିଜ ପିତାମାତାଙ୍କ ଠାରୁ ସମ୍ପୂର୍ଣ୍ଣ ଭାବେ ଦୁରେଇ ଦେଇ ନିଜର ଭୃତ୍ୟ ଭଳି ବ୍ୟବହାର କରିବାରେ ସମର୍ଥ ଲାଭ କରୁଛୁ ଯାହା ଆମ ଦମନ ଲୀଳାରେ ଯଥେଷ୍ଟ ସହାୟକ ହେଉଛି । ପୋଥିଗତ ବିଦ୍ୟା ତଥା ଅନଲାଇନ ଶିକ୍ଷା ମଣିଷକୁ ତତ୍‌କ୍ଷଣାତ୍ ସବୁକିଛି ବିଷୟରେ ଅବଗତ କରୁଛି ଯାହାସବୁ ଆମ ନିୟନ୍ତ୍ରଣାଧିନ ରହି ସେମାନଙ୍କ ନିଜସ୍ୱ ଚେତନାକୁ କରାୟତ କରିଥାଏ ଏବଂ ସେମାନେ ନିଜକୁ ଜଣେ ଦକ୍ଷ ଚତୁର ବୋଲି ବିଚାରି ଅତ୍ୟନ୍ତ ସନ୍ତୁଷ୍ଟ ହେଉଛନ୍ତି । ଏହିଭଳି ଶୈକ୍ଷିକ ପରିବେଶରେ ଆମ ଷଡ଼ଯନ୍ତ୍ର ଏତେ ମାତ୍ରାରେ କାର୍ଯ୍ୟକ୍ଷମ ହେଉଛି ଯାହା ଆମକୁ ଅତି ସହଜରେ ମିଥ୍ୟାକୁ ସତ୍ୟରେ ପରିଣତ କରିବାରେ ସାହାଯ୍ୟ କରୁଛି । ଏମିତିକି କୌଣସି ଉପଯୁକ୍ତ ମାନବିକ ଚେତନା ଯୁକ୍ତ ଜ୍ଞାନ ବିହିନ ଶିକ୍ଷା ଆଜି ସମଗ୍ର ମଣିଷ ସମାଜକୁ ଏକ ପଶୁ ତୁଲ୍ୟ କରି ରଖିବାରେ ଯଥେଷ୍ଟ ସହାୟକ ହୋଇ ପାରିଛି । ତେଣୁ ଆମକୁ ହିଟଲର୍ ଶାସନ ଚଳାଇବାରେ ଯଥେଷ୍ଟ ସୁବିଧା ମିଳି ପାରୁଛି । (କ୍ରମଶଃ)

ସୋସିଆଲ ଫୋରମ
(ଭାରତ)ଛତ୍ରପୁର,
ଗଞ୍ଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭.

## ଦଳ ଡିଆଁ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନୀତି ନିୟମ ଆସିବା ଉଚିତ



ଆମ ଦେଶର ରାଜନୀତି ଏତେ ନୀଚ୍ ସ୍ତରରେ ଯାଇ ପହଞ୍ଚିଲାଣି ଓ ଆହୁରି ତଳକୁ ତଳକୁ ଯାଉଛି ତାହା କୁ ଯଦି କେହି ସଚେତନ ନାଗରିକ ଅତ୍ୟନ୍ତ ଗଭୀର ଭାବରେ ଚିନ୍ତନ କରିବ ତେବେ ଯାଇ ବୁଝି ପାରିବ ଯେ ସାଂପ୍ରତିକ ପରିସ୍ଥିତିରେ ଆମେ ସାଧାରଣ ଜନତା ଙ୍କ ସ୍ଥିତି କିପରି ଅଛି । ଏବେ ଯେମିତି ନିର୍ବାଚ଼ନ ପାଇଁ ସମୟ ଧାର୍ଯ୍ୟ କରାଗଲା ନିର୍ବାଚ଼ନ କମିସନର ମାନଙ୍କ ଦ୍ୱାରା ଯାହା ଆଗରୁ ଚ଼ାଲିଥିଲା ତାହା ଆହୁରି ଏକ ଶହ ପାଦ ଆଗକୁ ଯାଇ ଯେତେ ସବୁ ରାଜନୈତିକ ଦଳର ଲୋକ ଅଛନ୍ତି ରାତି ରାତି ମାଙ୍କଡ ଭଳିଆ କିଏ କଂଗ୍ରେସ ଛାଡ଼ି ବିଜେଡି ରେ ,କିଏ ବିଜେଡି ଛାଡ଼ି ବିଜେପି ରେ ,କିଏ ବିଜେପି ଛାଡ଼ି ଆଉ କେଉଁ ଦଳରେ ସାମିଲ ହେବାକୁ ଡିଆଁ ପ୍ରତିଯୋଗିତା ଆରମ୍ଭ କରି ଦେଇଛନ୍ତି ।କାରଣ ଏଇୟା ଯେ ଦଳ ଯଦି ପୁରୁଣା କୁ ହଟାଇ ନୂଆ ନେଲା ତେବେ ବିପଦ ବା ପୁରୁଣା କୁ ରଖି ନୂଆ କୁ କଟିଲା ତେବେ ମଧ୍ୟ ବିପଦ । ଆଉ ଯଦି ସବୁଆଡୁ ଜଣେ ବିଫଳ ହେଲା ସେ ତୁରନ୍ତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜକୁ ପ୍ରମାଣିତ କରୁଛି । ଏହି ଦଳ ଡିଆଁ ଖେଳ କଣ ପାଇଁ ବୋଲି ପଚ଼ାରିଲେ ଉତ୍ତର ଆସୁଛି ଯେ ମୁଁ ଅମୁକ୍ ଦଳରେ ରହି ଜୀବନ ସାରା ଲୋକଙ୍କ ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଛି କିନ୍ତୁ ଆଜି ଦଳ ମୋତେ ଅଣଦେଖା କରୁଛନ୍ତି ତେଣୁ ନିଜର ସ୍ଥିତି ବଜାୟ ରଖିବାକୁ ମୁଁ ସେ ଦଳ ଛାଡ଼ି ଅମୁକ ଦଳରେ ସମାଜ ସେବା କରିବା ପାଇଁ ଦେଶ ବା ରାଜ୍ୟ ର ଉନ୍ନତି ପାଇଁ ଯୋଗ ଦେଇ ଏହାର ପ୍ରମାଣ ଦେବାକୁ ଚ଼ାହୁଁଛି ।ଠିକ୍ ଅଛି ଭାଇ ତୁମେ ଯଦି ଏତେ ଦେଶ ଭକ୍ତ ବା ଯଦି ତୁମ ରକ୍ତରେ ଏତେ ଦେଶ ଭକ୍ତି ଖୁନ୍ଦି ହୋଇ ରହିଛି ତେବେ ଆମ ଦେଶ ବା ପ୍ରତି ରାଜ୍ୟ ର ଅବସ୍ଥା କାହିଁକି ଏତେ ଶୋଚ଼ନୀୟ ଅବସ୍ଥାରେ ଅଛି । ପ୍ରତି ରାଜ୍ୟରେ ପ୍ରାୟ ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଛି ସେ ଲୋକ ମାନେ ମଧ୍ୟ ଭୋଟ ଦେଉଛନ୍ତି ତାଙ୍କର ମଧ୍ୟ ଦେଶ ଉନ୍ନତି ର ଭାଗ ପାଇବା ପାଇଁ ହକ ଅଛି । ଏବେ ବି ଆମ ଦେଶରେ କେନ୍ଦ୍ର ସରକାର ବା ପ୍ରତି ରାଜ୍ୟ ସରକାର ଯେତେ ଜୋର୍ ରେ ଡିନଡିମ ପିଟିଲେ ମଧ୍ୟ ଅନେକ ଲୋକ ପୁରା ଅଶିକ୍ଷିତ ବା ପୁରା ମୂର୍ଖ ଅଛନ୍ତି ।ଆମେ ଯେଉଁ ସଭ୍ୟ ସମାଜ ବୋଲି ନିଜକୁ ପ୍ରମାଣିତ କରୁଛେ ତାର ଏକ ମାତ୍ର ବିନ୍ଦୁ ମଧ୍ୟ ସେହି ସବୁ ଉପାନ୍ତ ଅଞ୍ଚଳରେ ପଡୁ ନାହିଁ । ଲୋକେ ଏବେବି ଝାଡ ଫୁଙ୍କା ଦ୍ୱାରା ରୋଗ ଆରୋଗ୍ୟ ହେବାର ପରମ୍ପରା ଉପରେ ନିର୍ଭର କରନ୍ତି । ଜଙ୍ଗଲ ରୁ ସଂଗୃହିତ ଫଳ ,ବିଭିନ୍ନ ଗଛର ଚେର, ମହୁ , କନ୍ଦ, କୁଟୁରା,ଠେକୁଆ ,ଧଣ୍ଡ ସାପ ,ବଡ ବେଙ୍ଗ ,ମୂଷା ,ମାଙ୍କଡ ,ଓ ଅନେକ ଜୀବ ଜନ୍ତୁ ଖାଆନ୍ତି । ବର୍ତ୍ତମାନ ବି ଏପରି ଗାଁ ସବୁ ଅଛି ଯେ ଗୋଟିଏ ଗୋଟିଏ ଗାଁ ରେ ପ୍ରାୟ ଦଶ,ବାରୋଟି ନୁଆଁଣିଆ ପତ୍ର ଦ୍ୱାରା ଛାଇ ହୋଇଥିବା ଘର ,ଗାଁ କୁ ରାସ୍ତା ନାହିଁ ,ପାନୀୟ ଜଳର ଘୋର ଅଭାବ ଛୋଟ ଚୁଆ ହିଁ ଜଳର ଉତ୍ସ ,କେବେ କେବେ ପ୍ରାୟ ୫ କିଲୋମିଟର ଦୂରରୁ ପାଣି ଆଣିବା ପାଇଁ ଯାଆନ୍ତି । ଖାଦ୍ୟ ଅଭାବ ଯୋଗୁଁ ମାଟିରୁ ଖୋଳି ବାହାର କରି ଆମ୍ବ ଟାକୁଆ , ଓ ଅନ୍ୟ କିଛି ଯାହାକୁ ସେମାନେ ନିଜର ଖାଦ୍ୟ ପାଇଁ ବାହାର କରି ଖାଇ ଝାଡ଼ା,ବାନ୍ତି ,ଓ ଅପପୁଷ୍ଟି , ରକ୍ତହୀନତା ପ୍ରଭୃତି ଅନେକ ବେମାରୀ ରେ ପଡ଼ି ଅକାଳ ମୃତ୍ୟୁ ବରଣ କରନ୍ତି । ସେଥି ପାଇଁ କେବେବି ସରକାର ଙ୍କ କୌଣସି ଚ଼ିନ୍ତା ନାହିଁ । ସେମାନଙ୍କ ପାଖକୁ କେହି ସରକାରୀ ଅଧିକାରୀ ମାନେ ଯାଆନ୍ତି ନାହିଁ । ଆଦିବାସୀ ଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିଭାଗ ଅଛି ସେଥିରେ ମନ୍ତ୍ରୀ ,ଉପମନ୍ତ୍ରୀ ,ବରିଷ୍ଠ ଆଇଏଏସ ଅଧିକାରୀ,ତାଙ୍କ ତଳ ଅଧିକାରୀ ,ଅନେକ କର୍ମଚ଼ାରୀ ବଡ ବଡ ଅଫିସ ,ଯିବା ଆସିବା ପାଇଁ ଗାଡ଼ି ,ଗସ୍ତ ଖର୍ଚ୍ଚ ଏପରି ଅନେକ ଭାବରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି କିନ୍ତୁ ସବୁ ଧଳା ହାତୀ ପୋଷା ସଦୃଶ । ପ୍ରଧାନମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ପ୍ରତି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ସେମାନଙ୍କ ମନ୍ତ୍ରୀ ପରିଷଦ ସମସ୍ତ ଙ୍କ ହୃଦୟ ସଂଘାତିକ ଭାବରେ ଏହି ନିରୀହ , ସରଳ ,ନିଷ୍ପାପ ଆଦିବାସୀ ଙ୍କ ପାଇଁ ମଞ୍ଚ ଉପରୁ ଭାଷଣ ଦେବାବେଳେ ଖୁବ୍ କାନ୍ଦି ଉଠେ ଓ ଭୋଟ ପାଇଁ ମଧ୍ୟ ସେମାନଙ୍କୁ ଭକୁଆ ବନେଇ ଭୋଟ ନିଅନ୍ତି କିନ୍ତୁ ବାସ୍ତବ ଚ଼ିତ୍ର କିଛି ଅଲଗା ଯାହାକୁ କେବଳ ଅନୁଭବି ମାନେ ହିଁ ଜାଣି ପାରିବେ । ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ମଧ୍ୟ ଅନେକ ଆଦିବାସୀ ଲୋକ ଙ୍କ ଗାଁ ଅଛି ଯାହା କି ସହର ସଭ୍ୟତା ଠାରୁ ହଜାର ମାଇଲ ଦୂରରେ । ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା,କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଜନା , ସୂର୍ଯ୍ୟ ଉତ୍ତାପ ରୁ ବିଜୁଳି ଯୋଜନା ବା ଆୟୁଷ୍ମାନ ଯୋଜନା ର ମାନେ ଏମାନେ କିଛି ବୁଝନ୍ତି ନାହିଁ । ଆରେ ଭାଇ କେନ୍ଦ୍ର ସରକାରଙ୍କ ଯେଉଁ ସୋଲାର ସିଷ୍ଟମ୍ ହୋଇଛି ସେଥିରେ ସରକାର କିଛି ରିହାତି ଦେଉଛନ୍ତି କିନ୍ତୁ ଯେଉଁ ମାନଙ୍କର ପ୍ରତିଦିନ ଗଣ୍ଡେ ଠିକ୍ ଭାବରେ ଖାଇବା ପାଇଁ ଅନେକ ଚେଷ୍ଟା କରିବାକୁ ପଡୁଚ଼ି ସେମାନେ କେଉଁଠୁ ପ୍ରାଥମିକ ପଇସା ଦେବାକୁ ସକ୍ଷମ ହେବେ । ସବୁଠାରୁ ବଡ ଦୁଃଖ ହେଲା ଭାଇ ଏ ଦଳ ଡିଆଁ ପ୍ରତିଯୋଗିତା ଯଦି ଆଇନ କରି ବନ୍ଦ୍ କରା ନ ଯାଏ ତେବେ ଦେଶର ଘୋର କ୍ଷତି ଘଟିବ । ଯାହାର ଦେଶ ସେବା କରିବାକୁ ଇଚ୍ଛା ଥିବ ସେ କୌଣସି ଦଳ ର ଆଶ୍ରୟ ନେବା ଦରକାର ନାହିଁ ସେ ନିଜେ ଆଗେଇ ଆସି ଦେଶର ସେବା ଗୁଣ୍ଡୁଚ଼ି ମୂଷା ରାମଚ଼ନ୍ଦ୍ର ଙ୍କ ବାଲି ବନ୍ଧରେ ବାଲି ପକାଇବା ପରି କାହାକୁ ନ ଦେଖି ସୋସିଆଲ ମିଡିଆରେ ନିଜର ଫଟୋ ନ ଛାଡ଼ି କେବଳ ସମାଜ ର ସେବା କରି ଚ଼ାଲିବ । ପ୍ରତି ଦଳ ରେ ଯିଏ ନୂଆ ଆସିଲେ ସେହି ଦଳ ଜାଣନ୍ତି ଯେ ଏହି ନୂତନ ଆଗନ୍ତୁକ କେତେ ପାଣିର । ଆଉ ଗୋଟିଏ ପ୍ରଥା ଯେ ନିର୍ବାଚ଼ନ ରଣାଙ୍ଗନ କୁ ସିନେମା କଳାକାର, ସଙ୍ଗୀତଜ୍ଞ, ଆଇଏଏସ ଅଫିସର, ମାନଙ୍କୁ ରାଜନୈତିକ ଦଳ ମାନେ ପୁରା ମାତ୍ରାରେ ସ୍ୱାଗତ କରି ଆଣୁଛନ୍ତି ଯେଉଁ ମାନେ କୀ ପରବର୍ତ୍ତୀ ସମୟରେ ଭୋଟ ପରେ ଆଉ ନିଜ ଅଞ୍ଚଳ ଭୁଲ ରେ ମଧ୍ୟ ଯାଆନ୍ତି ନାହିଁ ଓ ନିଜ କାର୍ଯ୍ୟ ରେ ବ୍ୟସ୍ତ ରହନ୍ତି ଏଭଳି ସ୍ୱାର୍ଥପର ମାନେ ଦେଶ ରାଜନୀତିକୁ ପୁରା ଭାବରେ ନଷ୍ଟ ଭ୍ରଷ୍ଟ କରି ଦେଉଛନ୍ତି ଓ ଦେଶ ଆହୁରି ୨୦ ବର୍ଷ ପଛକୁ ଫେରି ଯାଉଛି । ତାପରେ ଗୋଟିଏ ଲୋକ ନିଜର ସ୍ୱାର୍ଥ ଦୃଷ୍ଟିରୁ ଓ ଅବିଶ୍ୱାସ ଯୋଗୁଁ ଦୁଇ ବା ତା ଠାରୁ ଅନେକ ଜାଗାରେ ନିର୍ବାଚ଼ନ ମଣ୍ଡଳୀରୁ ଲଢ଼ିବା ପାଇଁ ଆମ ଦେଶରେ କୌଣସି ପ୍ରତିବନ୍ଧକ ନାହିଁ । ସେ ଯଦି ସବୁ ଜାଗାରୁ ହାରି ଯାଏ ତେବେ ପୁଣି ସେହି ସବୁ ଜାଗାରେ ସାନି ମତଦାନ ହୋଇ ପୁଣି ଅଯଥା ଖର୍ଚ୍ଚ ହେଉଛି ଓ ଯଦି ସେ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହେଲେ ତେବେ ଅନ୍ୟ ସବୁଠାରେ ସାନି ମତଦାନ ହୋଇ ପୁଣି ଅଯଥା ଖର୍ଚ୍ଚ ହେବ । ଏସବୁ ଆମ ଦେଶରେ ବନ୍ଦ୍ ହେବା ଉଚ଼ିତ୍ ଓ ସର୍ବ ଶେଷରେ ଏକ ଦେଶ ଓ ଏକ ନିର୍ବାଚ଼ନ ନିହାତି ଜରୁରୀ ।ଏହି ବିପରୀତ ଭାବ ରାଜନୀତିକ ଲୋକ ମାନଙ୍କ ପାଇଁ ଏହା ଯଦିଓ ସମ୍ଭବ ନୁହେଁ କିନ୍ତୁ ଜନ ସାଧାରଣ ସଚେତନ ହୋଇ ଏହାକୁ ପ୍ରଚ଼ଳନ କରିବାକୁ ଆଗେଇ ଆସିବା ଉଚ଼ିତ ଯାହା ଫଳରେ ଆମ ଦେଶରେ ଉନ୍ନତି ଆହୁରି ଅନେକ ଗୁଣ ଆଗେଇ ଯିବ । ଏହି ଦଳ ଡିଆଁ ମାନେ କେବେ ବି କୌଣସି ଜାତି ,ଦେଶ ବା ଅନ୍ୟ ର ହୋଇ ପାରନ୍ତି ନାହିଁ ।ସେମାନେ କେବଳ ନିଜର ସ୍ୱାର୍ଥ ଛଡା ଆଉ କିଛି ଭାବନ୍ତି ନାହିଁ ।ଆପଣ ମାନେ ଯଦି ଏହି ଦଳ ଡିଆଁ ମାନଙ୍କ ପାରିବାରିକ ସମ୍ବନ୍ଧ ବିଷୟ ରେ ତର୍ଜମା କରନ୍ତି ତେବେ ନିଶ୍ଚୟ ଜାଣି ପାରିବେ ଯେ ଏମାନେ ନିଜ ପରିବାର ସହିତ କେବେ ବି ଭଲ ସମ୍ପର୍କ ରଖି ନାହାଁନ୍ତି ।ସେମାନେ ସର୍ବଦା ନିଜ ବାପା , ମା,ଭାଇ , ଭଉଣୀ,ବନ୍ଧୁ ବାନ୍ଧବ ଏପରିକି ସାଙ୍ଗ ସାଥୀ ମାନଙ୍କ ଠାରୁ ଯଥେଷ୍ଟ ଅଲଗା । ଯେଉଁ ଲୋକ ନିଜ ପରିବାର ର ସମ୍ପର୍କ ଠିକ୍ ରଖି ପାରିନି ସେ ଦେଶ ବା ରାଜ୍ୟ ପାଇଁ କଣ ସ୍ୱାର୍ଥ ତ୍ୟାଗ କରି ତାକୁ ଉନ୍ନତି ପଥରେ ଆଗେଇ ନେବ ।ଏମାନେ ସର୍ବଦା ଦେଶ ,ରାଜ୍ୟ ଓ ଜାତି ପାଇଁ ହିତକର ନୁହନ୍ତି ,ଏମାନଙ୍କୁ ତ୍ୟାଗ କରିବା ଉଚ଼ିତ୍ ।ଆପଣ ମାନେ ପ୍ରଥମେ ଜଣଙ୍କୁ ଆପଣଙ୍କ ପସନ୍ଦ ରେ ଗୋଟିଏ ଦଳକୁ ସପୋର୍ଟ କରି ଭୋଟ ଦେଇ ତାକୁ ଜିତାଇଲେ କିନ୍ତୁ ସେ ଲୋକ ଟି ନିଜର ସ୍ୱାର୍ଥ ପାଇଁ ସେ ଦଳ ଛାଡ଼ି ଅନ୍ୟ ଦଳକୁ ମାଙ୍କଡ ଭଳିଆ ଡେଇଁ ପଡିଲା ଓ ପୁଣି ନିର୍ବାଚ଼ନ କୁ ଓଲାଇପଡ଼ିଲା ସେତେବେଳେ ଲୋକ ମାନଙ୍କ କର୍ତ୍ତବ୍ୟ ହେଲା ତାକୁ ପ୍ରଶ୍ନ ପଚ଼ାରିବା ଉଚ଼ିତ୍ ଯେ ତୁମେ କାହାକୁ ପଚ଼ାରି ଅନ୍ୟ ଦଳକୁ ଗଲ ,ଆମକୁ କାହିଁକି ପଚ଼ାରିଲ ନାହିଁ ତେଣୁ ଆମେ ତୁମ ବିରୁଦ୍ଧରେ ପ୍ରଚ଼ାର କରିବୁ ଓ କେଉଁ ଦଳରୁ ତୁମକୁ କେହି ଭୋଟ ଦେବେ ନାହିଁ ।ଏହା ଯଦି ସମ୍ଭବ ହୁଅନ୍ତା ତେବେ ଏହି ଦଳ ଡିଆଁ ମାନେ ଆଉ ସାହସ କରନ୍ତେ ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଜରୁରୀ ଅଟେ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ପରିବାର ବାଦ ରାଜନୀତି ଏହା ଏକ ଭୟଙ୍କର କର୍କଟ ରୋଗ ସଦୃଶ ଏଥିରେ ଜନ ସାଧାରଣ ଙ୍କ ଘୋର କ୍ଷତି ଘଟୁଛି ।କାରଣ ଜଣେ ଯିଏ ପରିବାର ର ଏକ ପୋଖତ ରାଜନୈତିକ ଥିଲେ କୌଣସି କାରଣ ବଶତଃ ସେ ଆଉ ରାଜନୀତି ମଇଦାନ କୁ ଓହ୍ଲାଇ ପାରୁନାହାନ୍ତି ତା ମାନେ ନୁହଁ ଯେ ତାଙ୍କ ପରିବାର ରୁ ଜଣକୁ ଟାଣି ଆଣି ଜବରଦସ୍ତ ରାଜନୀତି ରେ ପୁରାଇ ଭୋଟ ନେଇ ତାକୁ ନିର୍ବାଚ଼ନ ରେ ଯିତାଇ ପାଞ୍ଚ ବର୍ଷ ପାଇଁ ଖାଲି ବସାଇ ଦରମା ନେବା ଛଡା ଆଉ କିଛି କାମ ତାର ନାହିଁ ବା କିଏ ମରିଗଲେ ତା ସ୍ତ୍ରୀ ,ଝିଅ ,ପୁଅ ,ଙ୍କୁ ଟାଣି ଆଣି ରାଜନୀତିରେ ଭର୍ତି କରିବା ଅତ୍ୟନ୍ତ ନିନ୍ଦନୀୟ ବିଷୟ ଯାହା କି କେବଳ ଭାରତ ରାଜନୀତି ରେ ହିଁ ସମ୍ଭବ ହୋଇଛି ।ଅପରିପକ୍ୱ ଲୋକଙ୍କୁ ରାଜନୀତି ଓ ୬୫ ବର୍ଷ ରୁ ଅଧିକ ଲୋକ ମାନଙ୍କୁ ରାଜନୀତି ରେ ନିର୍ବାଚ଼ନ ଲଢ଼ିବା ଉପରେ ପୁରା ଅଙ୍କୁଶ ଲଗାଇବା ଦରକାର । ସର୍ବଦା ଶାସକ ବା ବିରୋଧୀ ଦଳ ସେ ଯିଏ ବି ହୁଅନ୍ତୁ ଯଦି ନିର୍ବାଚ଼ନ ରେ ଜିତିଛନ୍ତି ନିଶ୍ଚିତ ଭାବରେ ଦରମା ନେବେ ତେଣୁ ସେମାନେ ଆୟକର ନିୟମ ରେ ଅନ୍ତର୍ଭୁକ୍ତ ହେବା ନିହାତି ଜରୁରୀ । ଯେବେଠୁ ନିର୍ବାଚ଼ନ ଘୋଷଣା ହୁଏ ଓ ପ୍ରାର୍ଥୀ ମାନେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରି ସାରନ୍ତି ସେବେଠାରୁ ପ୍ରଚ଼ାର ବନ୍ଦ୍ ହେବାଯାଏ ପ୍ରତ୍ୟେକ ପ୍ରାର୍ଥୀ ନିଜ ନିର୍ବାଚ଼ନ ମଣ୍ଡଳୀରେ ପ୍ରତିଟି ଗଳି କନ୍ଦି,ପ୍ରତି ବ୍ୟକ୍ତି ଙ୍କୁ ସାକ୍ଷାତ କରନ୍ତି ଦିନ ରାତି ବୁଲି ବୁଲି କିନ୍ତୁ ଯେତେବେଳେ ନିର୍ବାଚ଼ନ ସରିଯାଏ ତା ପରେ ଯଦି ପ୍ରାର୍ଥୀ ଟି ଜିତି ଥାଏ ତେବେ ପୁଣି ଆସନ୍ତା ୫ ବର୍ଷ ଯାଏ ତାର ଆଉ ଦେଖା ମିଳେ ନାହିଁ ଯଦି କେବେ କୋଚ଼ିତ୍ ଆସିଯାଏ ତେବେ ଖାଲି ଗୋଟିଏ ଚ଼କର ଦେଇ ମିଟିଂ ଅଛି କହି ଖସି ଯାଏ ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର
ଭୁବନେଶ୍ୱର
୯୮୬୧୦୭୫୪୦୪.




# ସଂପର୍କ ସୂତ୍ର


ସୁଦର୍ଶନ ମହାପାତ୍ର

ଠିକଣା ଅନୁଯାୟୀ ପହଞ୍ଚି ଯାଇଥିଲି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ । ଜଣେ ଦୁଇ ଜଣଙ୍କୁ ପଚ୍ଚାରି ପାଇଗଲି କ୍ୱାର୍ଟର ନଂ-ଜି.ଇ. ୨୧୩। ଭିତରୁ ଦୁଆର ବନ୍ଦ ଥିଲା।କଲିଂ ବେଲ୍ ମାରିବାର କିଛି ସମୟ ଭିତରେ କବାଟ ଖୋଲିଲା।

-' ମାଉସୀ, ମୋ ନାଁ ସନତ୍, ରାଉରକେଲା ରୁ ଆସିଛି। ଆପଣଙ୍କ ପୁଅ 'ବାବୁ' ମୋ ସାଙ୍ଗ। ଏକା ବ୍ରାଞ୍ଚ ରେ କାମ କରୁ। ସେ କହିଥିଲା ଭୁବନେଶ୍ୱର କେବେ କେବେ ଯାଉଛୁ ତ ସୁବିଧା ହେଲେ ଆମ ଘରକୁ ଯାଇ ଟିକିଏ ବୁଲି ଆସିବୁ।'ମୁଣ୍ଡ ନୁଆଇଁ ନମସ୍କାର କଲା ଭିତରେ ଏତକ କହି ସାରିଥିଲି ମୁଁ।

-' ଆଚ୍ଛା ତୁମେ ରାଉରକେଲାରୁ ଆସିଛ ? ଭଲ ହେଲା ଆମ ଘରକୁ ଆସିଲ। ଆସ ବାହାରେ କାହିଁକି ଠିଆ ହୋଇଛ ପୁଅ!' ହସି ହସି କହିଲେ ମାଉସୀ। ଘର ଭିତରକୁ ପଶୁ ପଶୁ ଯିଏ ଦେଖାହେଲେ ସେ ନିଶ୍ଚୟ ମଉସା ହୋଇଥିବେ ଭାବି ନମସ୍କାର କଲି। ମାଉସୀ ମଧ୍ୟ ମୋର ପରିଚୟ କରାଇଦେଲେ ତତକ୍ଷଣାତ୍ ଯେ ମୋତେ ଆଉ କିଛି କହିବାକୁ ପଡିଲାନି।

-' ହେଲେ ତୁମେ ଆସିବ ବୋଲି ଆଗରୁ ଜଣେଇ ନଥିଲ ତ !' ପଚ୍ଚାରିଲେ ମଉସା।

-' ତୁମେ ଏମିତି କ'ଣ କହୁଛ ? ଏତେବାଟରୁ ପିଲାଟା ଆସିଛି। କ'ଣ ଘର ଭିତରକୁ ଆସୁ ନ ଆସୁଣୁ ଏଇଠି ଏମିତି ଠିଆ ଠିଆ ସବୁ କଥାବାର୍ତ୍ତା ହେବ।'

ମଉସା ଙ୍କୁ ଆକ୍ଷେପ କରି କହିଲେ ମାଉସୀ। ମୁଁ ଆପେ ସୋଫା ଉପରେ ବସି ସାରିଥିଲି।

-'ପ୍ରକୃତ କଥା ହେଲା ମୋ ପୁଅ ଭୁବନେଶ୍ୱର ହାଇଟେକ୍ ମେଡିକାଲ୍ କଲେଜରେ ପଢେ।ତା ପାଖକୁ ଆସିଥିଲି। 'ବାବୁ' କୁ ବି ଜଣେଇ ନଥିଲି ମୁଁ ଏଠିକୁ ଆସିବି ବୋଲି। ଏଠୁ ଯାଇ ତାକୁ ସରପ୍ରାଇଜ ଦେବି ବୋଲି ଭାବିଛି। ଏବେ ଆପଣମାନେ ବି ଜମା ଜଣାନ୍ତୁ ନାହିଁ।'

ମଉସା ମୋ କଥାରେ ଟିକିଏ ହସିଲେ। ତଥାପି ତାଙ୍କ ମୁହଁରେ ଯେମିତି ଏକ ଆଶ୍ଚର୍ଯ୍ୟାନ୍ୱିତର ଭାବ ଉକୁଟି ଉଠୁଥିଲା ବୋଲି ମୋର ହୃଦବୋଧ ହେଲା।

-' ପୁଅ କେତେ ବର୍ଷ ହେଲା ପଢିଲାଣି ? କଲେଜ ରେ କିଛି ଅସୁବିଧା ହେଉନି ତ ? ଏଇ ଯେମିତି ସିନିଅର ମାନେ ଜୁନିଅର୍ ମାନଙ୍କୁ ଟିକେ ହଇରାଣ କରନ୍ତି।'

-' ନା ନା ଏଠି ସେମିତି କିଛି ବେଶୀ ନାହିଁ। ଆଚ୍ଛା ମଉସା, ଆପଣଙ୍କ ଡାଇବେଟିସ କଣ୍ଟ୍ରୋଲରେ ଅଛି ତ ? ମାଉସୀଙ୍କ ଆଣ୍ଠୁ ଗଣ୍ଠି ବାତ କଥା କହି ବାବୁ ବି ଭାରି ବ୍ୟସ୍ତ ହୁଏ। ବୟସ ବଢିବା ବେଳକୁ ଯେତେ ସବୁ ରୋଗ ଭଗବାନ କାହିଁକି ଦେହରେ ଭର୍ତ୍ତି କରନ୍ତି କେଜାଣି ?

ମୁଁ ହସି ହସି କହିଲି।

-' ତୁମେ ଗୋଟିଏ ଆଶ୍ଚର୍ଯ୍ୟ ଲୋକ ହୋ। ତୁମର ବୁଦ୍ଧି ବିବେକ କିଛି ଅଛି କି ନାହିଁ ? ପିଲାଟା କ'ଣ ଟିକେ କେତେବେଳେ ଖାଇଥିବ। ସମୟ ପ୍ରତି ଧ୍ୟାନ ଅଛି କି ନାହିଁ ?' ଆମ ଦୁହିଁଙ୍କୁ ଅନ୍ୟମନସ୍କ କରାଇଦେଲା ମାଉସୀ ଙ୍କ ଏଇ କେଇ ପଦ କଥା।

ମୁହଁ ହାତ ଧୋଇ ଆସିଲା ବେଳକୁ ମୋ ପାଇଁ ମାଉସୀ ବାଢ଼ି ସାରିଥିଲେ ଭାତ ସହ ତିନି ଚ୍ଚାରୋଟି ଆଇଟମ। ଡାଇନିଂ ଟେବୁଲ ର ମୋ ସାମ୍ନା ଚେୟାରରେ ବସି ଖାଉଥିଲେ ମଉସା।

ମାଉସୀ ଆମ ଦୁହିଁଙ୍କୁ ଖାଇବା ବାଢିଦେଇ ମୋ ବିଷୟରେ ଆହୁରି କିଛି ଜାଣିବାକୁ ଇଚ୍ଛୁକ ହେଲେ ତ ମୁଁ ଖାଇବା ଭିତରେ ଗପି ଚ୍ଚାଲିଲି ସାବଲୀଳ ଭାବରେ।

ମୋତେ ଯେ ଭେଣ୍ଡି ବେସର ତରକାରୀ ଭଲଲାଗେ ମୋ ଖାଇବାରୁ ବୋଧେ ବୁଝି ପାରିଲେ ମାଉସୀ। କାରଣ 'ଆଉ ଟିକିଏ ଭେଣ୍ଡି ତରକାରୀ ଆଣୁଛି' କହି ମାଉସୀ ଉଠିଗଲେ ।

-' ମଉସା, ସପନ କୁ କ'ଣ ମୁଁ ଆସିଛି ବୋଲି ଫୋନ୍ କରି ମାଉସୀ କହିଦେଲେ କି ? ହସି ହସି ପଚ୍ଚାରିଲି।

-' ନା ନା, ଫୋନ୍ ତ ଏଇ ମୋ ପାଖରେ।ଆମର ଏଇ ଗୋଟିଏ ଫୋନ୍।' ମଉସା ଆଗଭଳି ପୁଣି ଟିକିଏ ଗମ୍ଭୀର ଦିଶିଲେ।

-' କଥା କ'ଣ କି , ମୋତେ ଭେଣ୍ଡିର ସବୁ ଆଇଟମ ଭଲ ଲାଗେ ବୋଲି ସପନ ଜାଣେ। ଭାବିଲି କାଳେ ମାଉସୀଙ୍କୁ ସେ କହି ଦେଇଥିବ..!'

ମଉସା ଏଥର କାହିଁକି ବିଚ୍ଚଳିତ ହେଲା ପରି ଲାଗିଲେ।

-' ମଉସା, କ'ଣ କହିବେ ବୋଲି କହି ପାରୁନାହାଁନ୍ତି କି ? ମୋତେ ଖୋଲି କରି କୁହନ୍ତୁ। ମୁଁ ବି ତ ଆପଣଙ୍କ ପୁଅ ଭଳି।' ତାଙ୍କ ମନ କଥା ଜାଣିବାକୁ ପଚ୍ଚାରି ଦେଲି ଏମିତି ।

ମୁଣ୍ଡ ଅଳ୍ପ ହଲାଇ ମଉସା ଉତ୍ତର ଦେଲେ। ଯାହାର ଅର୍ଥ 'ନା ସେମିତି କିଛି ନୁହେଁ' ବୋଲି ମୁଁ ବୁଝିଲି।

ଶେଷକୁ ମାଉସୀ ପୁଣି ମିଠା ଦୁଇଟି ଗୋଟିଏ ପ୍ଲେଟରେ ନେଇ ଆସିଲେ, ଯେଉଁଟା ମୁଁ ନେଇ ଆସିଥିଲି।

-' ନା ମାଉସୀ, ମୋ ପେଟରେ ଆଉ ଜାଗା ନାହିଁ। ତା'ପରେ ଏ ମିଠା ସୁଗାର ଫ୍ରି। ମଉସା ବି ଖାଇ ପାରିବେ। '

ଇତି ମଧ୍ୟରେ ଖାଇବା ପିଇବା ସରିଥିଲା। ମୁଁ ହାତ ଧୋଇ ସୋଫା ଉପରେ ବସିଲି ଏବଂ ଟିକିଏ ବସି ବାହାରିବି ବୋଲି ଭାବିଲି। ସେ ପର୍ଯ୍ୟନ୍ତ ମାଉସୀ ଖାଇ ନଥିଲେ। ତାଙ୍କୁ ଖାଇ ଦିଅନ୍ତୁ ବୋଲି କହିବା ପରେ ବି ସେ ମୋତେ ବାରମ୍ବାର ଭୁଲେଇ ଅନ୍ୟ କଥା ପକଉଥିଲେ।

-' ତୁମ ପୁଅ ନାଁ ଆଶିଷ ନା, ମୋ ନାତି ନାଁ ବି ଆଶିଷ।' କହିଲେ ମାଉସୀ।

-' ବାବୁ ପୁଅର ଭଲ ନାଁ ତ ଶୁଭାଶିଷ। ଆଶିଷ ବୋଲି କହୁଛ ଯେ ?' ମୁଁ ଆଶ୍ଚର୍ଯ୍ୟ ହୋଇ ପଚ୍ଚାରିଲି।

ଟିକିଏ ଅତମତ ହେଲେ ମଉସା ମାଉସୀ ଦୁହେଁ।

-' ଆମେ ତାକୁ 'ଆଶୁ' ବା 'ଆଶିଷ' ବୋଲି ଡାକୁ।' ମାଉସୀଙ୍କ ଆଡକୁ ଟିକେ ଚ୍ଚାହିଁ କହିଲେ ମଉସା।

-' ଆପଣଙ୍କ ନାତି ଖୁବ୍ ଭଲ ପିଲା। ପୁରା ତା' ବାପା ଭଳି ଶାନ୍ତଶିଷ୍ଟ।' ମଉସା ମାଉସୀଙ୍କୁ ଖୁସି କରିବାକୁ କହିଲି।

ମାଉସୀଙ୍କ ଆଖି ଛଳଛଳ ହୋଇଯିବାର ଦେଖିଲି ମୁଁ। ଭାବିଲି ଖୁସିରେ ବୋଧହୁଏ ମାଉସୀ ବିହ୍ୱଳିତ ହୋଇ ପଡୁଛନ୍ତି।

ମଉସା ସେଠୁ ଯାଇ ସାରିଥିଲେ। ମାଉସୀ ବେଡ଼ରୁମ ଯାଇ ମୋତେ ବିଶ୍ରାମ ନେବାକୁ କହିଲେ।ମୁଁ ସୋଫାରେ ଠିକ୍ ଅଛି ବୋଲି କହିଲାରୁ ମାଉସୀ ଖାଇବାକୁ ଗଲେ।

ମୋର ହଠାତ୍ ନଜର ପଡିଲା କାନ୍ଥରେ ଟଙ୍ଗା ହୋଇଥିବା ଫଟୋଟିଏ ଉପରେ। ମୋରି ବୟସର ଲୋକଟିଏ ହେବ। ଠିଆ ହୋଇପଡ଼ି ନିରେଖି ଦେଖିଲି। ଏ ତ ସପନ ନୁହେଁ। ପୁଣି ସେ ଫଟୋକୁ ଲାଗି ଆଉ ଗୋଟିଏ ଫାମିଲି ଫଟୋ। ବୋଧହୁଏ ବାପା ମା ଆଉ ପୁଅ। ଦୁଇଟି ଯାକ ଫଟୋରେ କର୍ପୁର ମାଳ ପଡିଛି। !ମଉସା ମାଉସୀଙ୍କର ଏ ଆଉ ଗୋଟିଏ ପୁଅ କି ? ଯିଏ ଆଉ ଏ ଦୁନିଆରେ ନାହାନ୍ତି। ଏମିତି ଭାବନା ଭିତରେ ମୁଁ ବ୍ୟସ୍ତ ହୋଇ ପଡୁଥିଲି।

ପଛରୁ ଶୁଭିଲା ମାଉସୀଙ୍କ ଆସିବାର ଶବ୍ଦ।

-' ସେମାନେ ହେଉଛନ୍ତି ଆମ ପୁଅ, ବୋହୁ ଆଉ ନାତି । ଆମକୁ ଛାଡି ଆରପାରିକୁ ଚ୍ଚାଲି ଯାଇଛନ୍ତି। ଦୁର୍ଘଟଣାରେ...!' ଆଉ କିଛି କହି ପାରିଲେନି ମାଉସୀ। ଝରଝର ହୋଇ କାନ୍ଦିବା ଆରମ୍ଭ କରିଦେଲେ।

ମଉସା ଆସି ଯାଇଥିଲେ ପାଖକୁ। ତାଙ୍କ ଆଖିରେ ବି ଲୁହ ଟଳମଳ କରୁଥିଲା। ତାଙ୍କୁ ପ୍ରବୋଧନା ଦେବାକୁ ଚେଷ୍ଟା କଲି। ସେମାନେ ଟିକିଏ ପ୍ରକୃତିସ୍ଥ ହେଲା ପରେ ପୁଣି ଆସିବି ବୋଲି କହି ମୁଁ ବାହାରି ଆସିଲି ।

କାଇଁ ସପନ ତ ମୋତେ କେବେ ତା' ବଡଭାଇଙ୍କ ବିଷୟରେ କହିନି ବୋଲି ବାଟରେ ମୁଁ ଭାବି ହେଉଥିଲି।ମନ ଭଲ ଲାଗୁନଥିଲା ତ ଭାବିଲି ପରଦିନ ତାକୁ ଭେଟି ପଚ୍ଚାରିବି।

ମୁଁ ଭାବିଥିଲି ସବୁକଥା କହି ସପନ କୁ ତାଜୁବ କରିଦେବି। ହେଲେ ଫଳ ହେଲା ଠିକ୍ ଓଲଟା। ସେ ମୋ ବୋକାପଣିଆର ଭରପୁର ମଜା ଉଠାଇଲା। କଥା ହେଉଛି, ମୁଁ ଯେଉଁ ମାନଙ୍କୁ ଭୁବନେଶ୍ୱରରେ ଭେଟି ଆସିଲି ସେମାନେ ସପନ ର ବାପା ମା ନୁହଁନ୍ତି।

ସପନ ବତାଇଥିବା ତାଙ୍କ କ୍ୱାର୍ଟର ନଂ ୨୩୧ ପରିବର୍ତ୍ତ? ମୁଁ ୨୧୩ ନଂ କ୍ୱାର୍ଟର ରେ ପହଞ୍ଚିଥିଲି। ସେ ଯାହାହେଉ ମୋ ଠାରୁ ସମସ୍ତ ବିବରଣୀ ଜାଣି ସପନ ତା ବାପାଙ୍କ ଠାରୁ ମୁଁ ଭେଟି ଆସିଥିବା ଭଦ୍ରବ୍ୟକ୍ତି ଙ୍କ ବିଷୟରେ ସବିଶେଷ ଖବର ଦେଲା।

ମୋ ପାଇଁ ଏକମାତ୍ର ସାନ୍ତ୍ୱନା ଥିଲା ଯେ ମଉସା ମାଉସୀଙ୍କ ଝିଅ ତା ସ୍ୱାମୀ ସହ ବାଙ୍ଗାଲୋର ରେ ଅଛି। ମଝିରେ ମଝିରେ ସେମାନେ ଆସି ବୁଲି ଯାଆନ୍ତି।

ସଂଗ୍ରହ ଥିବା ଫୋନ୍ ନମ୍ବର ମଉସାଙ୍କର ହିଁ ଥିଲା ।କଥା ହେଲି ମଉସା ମାଉସୀଙ୍କ ସହିତ। ସେମାନଙ୍କର ଗୋଟିଏ ପୁଅ ଯାହାର ଡାକ ନାଁ 'ବାବୁ' ଏବଂ ତା'ର ପରିବାର ଦୁର୍ଘଟଣାରେ ଦୁଇ ବର୍ଷ ପୂର୍ବରୁ ଚ୍ଚାଲିଯାଇଥିଲେ।ଆଶିଷ (ଆଶୁ) ତାଙ୍କର ଏକମାତ୍ର ନାତି ଥିଲା। ସବୁ କଥା ଶୁଣିବା ପରେ ଦୁଃଖରେ ମ୍ରିୟମାଣ ହୋଇ ପଡୁଥିଲି ମୁଁ।

-' ବାପା ସନତ୍, କହି ଯାଇଥିଲ ଆଉଥରେ ଆସିବ ବୋଲି।ଆଶିଷ ଆଉ ବୋହୂ କୁ ନେଇ ଆଉଥରେ ଏ ମଉସା ମାଉସୀଙ୍କୁ ଦେଖା କରିବାକୁ ଆସନ୍ତ ନାହିଁ ? ଆମେ ଖୁବ୍ ଖୁସି ହୁଅନ୍ତୁ। ଭାରି ଏକଲା ଏକଲା ଲାଗୁଛି..!' ଏତିକି ଶୁଣିଲା ବେଳକୁ ମୋ ଛାତି ଭିତରୁ କୋହ ଉଠି ଆସୁଥିଲା।'ନିଶ୍ଚୟ ଯିବି' 'ନିଶ୍ଚୟ ଯିବି' କହି ମୁଁ ଆଶ୍ୱାସନା ଦେବାକୁ ଚେଷ୍ଟା କରୁଥିଲି...!!!

କୁଞ୍ଜବିହାରୀ ଲେନ, କଟକ
ମୋ : ୯୪୩୮୧୭୫୫୪୨

# ଶେଷ ନିଷ୍ପତ୍ତି


ସୁଷମା ପରିଜା

ଗୋଟିଏ ବଡ ସହରରେ ନିଜର ବଡପୁଅ ପାଖରେ ରହୁଥିବା ବାପା ଜଣେ ଆଉ ଗୋଟେ ବଡ ସହରରେ ନିଜର ସାନ ପୁଅ ପାଖରେ ରହୁଥିବା ମା' ଟି ପାଖକୁ ଫୋନ୍ ଟେ କରିବା ଲାଗି ପୁଅକୁ ତା'ର ମୋବାଇଲ୍ ଫୋନ୍ ଟି ମାଗିଲେ । ନିଜର ଅନିଚ୍ଛା ସତ୍ତ୍ୱେ ପୁଅ ଟି ମୋବାଇଲ ଟି ଦେଲା ସତ କିନ୍ତୁ ତା' ଉପରେ ଦିପଦ ଶୁଣେଇବାକୁ ଭୁଲିଲା ନାହିଁ । ମୁହଁ ଆମ୍ବିଳା କରି କହିଲା...

--- 'କାଲି ପରା ତମେ ମା' ଙ୍କ ସହିତ କଥା ହୋଇଥିଲ,ଆଜି ପୁଣି କ'ଣ ... ? ସବୁଦିନେ କଥା ହେବା କଣ ନିହାତି ଜରୁରୀ ? '

--- ' ନାଇଁ ଯେ ...କାଲି ସକାଳେ କଥା ହେଲା ବେଳେ ମୋ'ର ମା' ଖଁ... ଖଁ.. ହୋଇ କାଶୁଥିଲା ତ, ଆଜି ତା'ର ଦେହ କେମିତି ଅଛି ବୋଲି ପଚ୍ଚାରିଥାଆନ୍ତି '।

-- ହୁଁ.. ଡାଇନିଂ ଟେବୁଲ୍ ରେ ଜଳଖିଆ ପରଷୁଥିବା ବଡବୋହୂ ମୁହଁରେ ବିଦ୍ରୁପର ହସ ଖେଳେଇ କହିଲା..

-- 'ଲୁକ୍.. ହାଭ୍ ଇଉ ଏଭର୍ କେୟାର୍ଡ ଫର୍ ମି ଲାଇକ୍ ଦିସ୍ ?'। ପୁଅର ମୁହଁରେ ବିରକ୍ତି ର ଚିହ୍ନ ସୁସ୍ପଷ୍ଟ ଦିଶୁଥିଲା।

କ୍ଷୋଭ ଆଉ ଲାଜରେ ମୁହଁକୁ ତଳକୁ ପୋତି ବାଙ୍କ ?ନି ଆଡକୁ ଚ୍ଚାଲିଯାଇ ପତ୍ନୀଙ୍କୁ ଫୋନ୍ ଲଗାଇଲେ ବାପା। ସେପଟେ ବି ସେଇ ସମାନ ଅବସ୍ଥା । ବାପା ଙ୍କ କଲ୍ ? ଦେଖି ସାନପୁଅ ମାଆ ହାତକୁ ଫୋନ୍ ଟି ବଢାଇ ଦେଇ ତାଗିଦା କଲା...

-- ନେ' ନେ'..ଶିଘ୍ର କଥା ସାରିବୁ, ମୋର ଅଫିସ୍ ବେଳ ହୋଇଗଲାଣି । ହୁଁ.. ଅଫିସ୍ ବାହାରିଲା ବେଳକୁ ଯେତେ ସବୁ ଫାଲତୁ କାମ।

ସାନ ବୋହୂ ମୁହଁମୋଡି କହିଲା...

-- ' ହଁ ! ବୁଢାକାଳେ ଯାଙ୍କ ପ୍ରେମ ଉଛୁଳି ପଡୁଛି ତ'। ନିଇତି କଥାଭାଷା ନହେଲେ ଚ୍ଚଳୁନି '।

ଲୁହ ଡବଡବ ଆଖିରେ ଫୋନ୍ ଟି ଧରି ବାଙ୍କ ?ନି କୁ ଉଠି ଗଲେ ମା' । ସେପଟରୁ ଭାସି ଆସୁଥିବା ଓଜନିଆ କଂଠ ରୁ ଅନୁମାନ କରି ନେଲେ ଯେ କିଛି ଗୋଟେ ଘଟିଛି । ବାଆଁରେଇ ହୋଇ କହିଲେ କାହିଁକି ବେସ୍ତ ହେଉଛ, ମୋ'ର କିଛି ହୋଇନି ମ' , ସେଦିନ ରାତିରେ ଏଠି ? କାମବାଲିଟା ଆସି ନଥିଲା ତ' ବାସନ ଦି ଖଣ୍ଡ ଧୁଆଧୋଇ କରିଦେବାରୁ ଥଣ୍ଡା ଧରିଛି । ଆପେଆପେ ଭଲ ହୋଇ ଯିବନି କି ? ଏପଟ ରୁ ଭାସି ଆସିଲା ଗୋଟିଏ ଦୀର୍ଘ ନିଃଶ୍ୱାସ ସହ ସେଇ ପୁରୁଣା ଦୃଢ କଣ୍ଠସ୍ୱର ...

-- ' ତମେ ଲୁଗାପଟା ସଜାଡି ରଖ। ମୁଁ ଟୁବୁ କୁ କହୁଛି କାଲି ସକାଳେ ସେ ତମକୁ ଆମ ଗାଆଁ ବସ୍ ରେ ବସେଇ ଦେବ। ବାବୁ କୁ କହି ମୁଁ ଏପଟୁ ଯାଉଛି । ମୋ' ପିଅନ ଚ୍ଚାକିରି ର ପେନସନ୍ ଗାଆଁ ରେ ଆମେ ଦୁଇଜଣ ଚ୍ଚଳିବା ଲାଗି ଯଥେଷ୍ଟ ହେବ' ।

କାନ୍ଦୁରା ମୁହଁରେ ହସ ଫୁଟି ଉଠିଲା ମାଆ ର ।

ଶାରଳା ଭବନ ପୋତାପୋଖରୀ
କଟକ-୪
ମୋ: ୯୩୩୭୨୭୨୬୪୭

## ପ୍ରତିଟି ଛବିରେ ତୁମେ

ରତ୍ନକାନ୍ତି ମିଶ୍ର



ସକାଳ ପ୍ରହରେ ଚ୍ଚକ୍ରବାଳ ଧାରେ
ତୁମ ହସ ମୁହଁ ଦିଶେ
ଗୋଧୂଳି ପହରେ ତୁମେ ଘୁରିବୁଲ
ଧରଣୀର ଧୂଳି ବେଶେ ॥
ତୁମେ ତରୁ ତଳେ ଖରା ଛାଇ ଖେଳ
କେବେ ଏଠି କେବେ ସେଠି
ତୁମେ ଇନ୍ଦ୍ରଧନୁ ରୂପ ମାଧୁର୍ଯ୍ୟରେ
ଦିବ୍ୟ ସପ୍ତବର୍ଣ୍ଣୀ ଝୋଟି ॥
ତୁମେ ସ୍ୱଚ୍ଛ ନୀଳ ପାଣିର ଦେହରେ
ହସିଲା ଜହ୍ନର ଛାଇ
ତୁମେ ସାଗରର ଅସୀମ ଉଲ୍ଲାସ
ବେଳାଭୂମି ଯାଅ ଛୁଇଁ ॥
ଶିଶିର-ମୁକୁତା ପରି ତୁମ ଶୋଭା
ଦୁବ ପତ୍ରାବଳି ପରେ
ତୁମେ ଢଳ ଢଳ ନୀଳ କଇଁ ରୂପ
କାଚ୍ଚକେନ୍ଦୁ ସରୋବରେ ॥
ତୁମେ ଘୁରିବୁଲ ଶରତ ଆକାଶେ
ଶୁଭ୍ର ମେଘମାଳା ସାଥେ
କାଶତଣ୍ଡି ମେଳେ ତୁମେ ଖେଳୁଥାଅ
ପବନ ଦୋଳିରେ ସତେ ॥
ଗୁଣୁ ଗୁଣୁ ସ୍ୱରେ ତୁମେ ଦୃଶ୍ୟମାନ
କଜଳ କଳାକୁ ମାଖି
ରଙ୍ଗ ବେରଙ୍ଗର ଫୁଲ ପରେ ତୁମେ
ଛିଟ ଡେଣା ପ୍ରଜାପତି ॥
ଝରଣା ତଟିନୀ ସମୁଦ୍ର ଆକାଶ
ପର୍ବତ ଅବା ପାଦପ
ପ୍ରକୃତି କୋଳରେ ପ୍ରତିଟି ସତ୍ତାର
ତୁମେ ପରା ପ୍ରତିରୂପ ॥

ଆଳି, କେନ୍ଦ୍ରାପଡା

## ଯଥା ରାଜା ତଥା ପ୍ରଜା

ଭାସ୍କର ରାଉତ



ରଜାର ଉପରେ ନିର୍ଭର ସେ କରେ
ପ୍ରଜା ଗଣଙ୍କ ଜୀବନ
ନୀତି ବାନ ହୋଇ ଯେ ରାଜ୍ୟ ଚ୍ଚଳାଇ
ତହିଁ ବିତେ ସୁଖେ ଦିନ।
ନୀତି ବିହୀନ ହୋଇଲେ,
ଶାସନ କ୍ଷେତ୍ରରେ ପ୍ରତ୍ୟେକ ସ୍ତରରେ
ଦୁର୍ନୀତିଟା ବଢ଼ିଚ୍ଚାଲେ।
ବିକାଶ ଅଙ୍ଗରେ ରକ୍ତ କର୍କଟରେ
ଆକ୍ରାନ୍ତ ହୋଇଛି ସେହି
ଦେଖନ୍ତି ସଭିଏଁ ପଡ଼ି ରହିଥାଏ
ଶଯ୍ୟାରୁ ସେ ଉଠେ ନାହିଁ।
ଆଗକୁ ବଢ଼ିବ କାହୁଁ,
ତା ଭାଗ୍ୟ ଆକାଶେ ସୂରୁଯ ନ ହସେ
ବୁଡ଼ିଯିବ ଚ୍ଚାହୁଁ ଚ୍ଚାହୁଁ।
ବିଶ୍ୱାମିତ୍ର ସୃଷ୍ଟି ନାହିଁ ତହିଁ ପୁଷ୍ଟି
ଅଣ ସବୁଠେ ପ୍ରକାଶ
କଲେ ବିନିଯୋଗ ଘଟିବ ଦୁର୍ଯ୍ୟ ?ଗ
ସକଳେ ହୋଇବ ନାଶ।
ବେଳହୁଁ ହୁଅ ସଜାଗ,
ସରିଗଲେ ବେଳ ହେବ ଅସମ୍ଭାଳ
ହଜିବ ସବୁ ସୁଯୋଗ।
ମଲାବେଳେ ଯାଇ କତରା ଘୋଡ଼ାଇ
ଶୋଇବାକୁ ଗଲେ ତୁହି
ତୋ ପଛେ ଗୋଡ଼ାଇ ଯିବ ଧାଇଁ ଧାଇଁ
ଯମଟା ଛାଡ଼ିବ ନାହିଁ।
ହିସାବ ନିକାଶ କରି,
ସିଂହାସନୁ ଟାଣି ଆଣିବ ସେ କ୍ଷଣି
ମିଛେ କରୁଥିବାରୁ ହୁରି।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

## ହାଏରେ ସମୟ ଚ୍ଚାଲିଗଲୁ ତୁ

ବିଶ୍ୱଜିତ୍ ପୁହାଣ

ଭଲ ଥିଲା ପିଲାଦିନ
ଟିକେ ହସୁଥିଲୁ ବେଶୀ କାନ୍ଦୁଥିଲୁ
ଥିଲୁ ପରା ଆମେ ଅଜ୍ଞାନ ॥
ମାଆର କୋଳରେ ପଶି ରହୁଥିଲୁ
ସତେ କି ସେ ସ୍ୱର୍ଗ ଥିଲା
ମନେ ପଡ଼ି ଯାଏ ମାଆ କୋଳ ଏବେ
ହେଲେ କର୍ମ ବାଧା ସାଧିଲା ॥
ବାପାଙ୍କ ଆଖିରେ ଦୁନିଆ ଦେଖିବା
ଥିଲା କେତେ ଯେ ସହଜ
କିନ୍ତୁ ଏବେ ଏ ଜୀବନ ପବନରେ ବୋହେ
ସତେ କି ଦି ଫରଦ କାଗଜ ॥
ଭଲ ଥିଲା ସେ ପିଲା ଦିନ ସ୍ମୃତି
ଯେବେ ଯେବେ ପଡ଼େ ମନେ
କ'ଣ ଜୀବନ ଟା ଏତେ କଷ୍ଟ ଦାୟକ
ଏବେ ପ୍ରଶ୍ନ ଆସଇ ମନେ ॥
ସର୍ବଶେଷରେ ଏହା ବିଧିର ବିଧାନ
ଦୁନିଆ ତ ଏମିତି ଚ୍ଚାଲିବ
ହେ କାଳିଆ ତୁମେ ସବୁତ ଦେଖୁଛ
ତୁମ ଚ୍ଚରଣେ ସଭିଙ୍କୁ ରଖିବ ॥

କାର୍ଯ୍ୟରତ- ଭାରତୀୟ ଡାକ ବିଭାଗ
ବଡ଼ମ୍ବା , କଟକ
ମୋ - ୮୦୧୮୪୩୫୩୬୪

## ପ୍ରବହମାନ ସ୍ୱପ୍ନ

ସୁଧାକର ରାଉତ



ସ୍ୱପ୍ନ ମଧ୍ୟେ ନିଜକୁ ଖୋଜୁଥିଲି ମୁଁ
ଏବେ ସ୍ୱପ୍ନ ମୋତେ ଖୋଜେ
କରୁଣ ମନର ଦାରୁଣ କଷଣ
ଦେଖିଣ ସେ ଦୁଃଖେ ଭିଜେ ।
କେତେ ସପନର ନୂଆ ସାମ୍ରାଜ୍ୟରେ
ଭିତ୍ତି ସ୍ଥାପନ ମୁଁ କରି
ଆଗ୍ନେୟଗିରିର କାମନା ମାନଙ୍କୁ
ରଖିଥିଲି ତହିଁ ଧରି ।
ଦିନ ରାତି ସେହି ମାନଙ୍କ ସରାଗେ
ଜାଇ, ଯୂଇ, ମଲ୍ଲୀ ଆସି
ମୋ ମନ ଦାଣ୍ଡରେ ଧେଣ୍ଟୁରା ପିଟନ୍ତି
ତୋଳିବାକୁ କହି ହସି ।
ଦୂର ଦିଗବଳୟ ସମୀର ସଙ୍ଗରେ
ଝାଉଁଳି ତାଙ୍କର କାୟା
କ୍ଲିବଦ୍ଧ ହରାଇ ମରୁଭୂମି ପଥେ
ଦେଖାନ୍ତି ମଉଳା ମାୟା ।
ସ୍ୱପ୍ନ ଓ ଯନ୍ତ୍ରଣା ଏକାକାର ହୋଇ
ନିଦାଘର ତାତି ସମ
ଦହନ କରନ୍ତି କଙ୍କାଳକୁ ସିନା
ଆକର୍ଷଣ ତାଙ୍କ ଭ୍ରମ ।
ସନ୍ତପ୍ତ ପ୍ରାଣର ଅଲୋଡା ତୃଷ୍ଣାକୁ
ସ୍ୱପ୍ନ ଥାକ ମଧ୍ୟେ ଥୋଇ
ନି'ସଙ୍ଗ ପଥିକ ସାଜି ମୁଁ ଚ୍ଚାଲିଛି
ନିଜେ ଲକ୍ଷଚ୍ୟୁତ ହୋଇ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଗୋପନ ଅଭିସାର

ନିରଞ୍ଜନ ସାହୁ



ସେଦିନ ସପନେ ଆସିକି ଗୋପନେ
ଅଭିସାର ଯିଏ କଲା
ଥରଟିଏ ମୋତେ ପଚ୍ଚାରେନା କେବେ
ଜୀବିତ କି ମୁହିଁ ମଲା ।
କିଏ କହିଥିଲା ସପନରେ ଆସି
କରିବାକୁ ଏତେ ଲୀଳା
ସତରେ ଆସିକି ଲୀଳା କରନ୍ତା ଯେ
ଡରାଉଛି ତାକୁ କୀଳା
ଏ କୂଳ ହେଉନି ସେ କୂଳେ ରହୁନି
କାହାର କଅଣ ଗଲା ।
ସବୁଦିନ ସିଏ ସପନେ ଆସେନା
ବେଳେବେଳେ ଆସିଯାଏ
କେତେ ଲୀଳା ରଚ୍ଚି ଯାଏ ସେହି ଖସି
ମୁଁ ସେମିତି ଶୋଇଥାଏ
ନିଦ ଭାଙ୍ଗିଗଲେ ଭଲ ଲାଗେନାହିଁ
ଇଏ କେଉଁ କଥା ଭଲା ?
ସପନରେ ଯଦି ଆସୁଅଛି ଏତେ
ସତରେ ଆସନ୍ତା ଥରେ
ପ୍ରୀତି ଅଭିସାର ରଚ୍ଚନ୍ତା ମୋ ସାଥେ
ନିରୋଳାରେ ଏହି ଘରେ
ବିଦଗ୍ଧ ପ୍ରାଣଟା ତୃପ୍ତ ହୋଇଯାନ୍ତା
ଭାରି ହୁଅନ୍ତା ମୋ ପଲା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ନେତା

ଆଦ୍ୟାଶା ମହାପାତ୍ର



ଭିକ...
ମୁଁ ମୁହଁ ବୁଲେଇ ନିଏ
ମୋ ଭିକ୍ଷା ଝୁଲା ଭର୍ତ୍ତି ହେବା ପାଇଁ
ମୁଁ ଘର ବଦଳାଉଥାଏ ॥
ଯେଉଁ ରଙ୍ଗ ଗାଢରୁ ବି ଗାଢତର
ତାହା ପ୍ରେମ ଅନୁରାଗର ରଙ୍ଗ
ମୁଁ କିନ୍ତୁ ଏଣ୍ଡୁଅ ପରି ରଙ୍ଗ ବଦଳାଏ
ସେଇଟା ମୋ ସମ୍ପର୍କ ରଖିବାର ଢଙ୍ଗ ॥
କିଏ ସଂକଟାପନ୍ନ ସ୍ଥିତିରେ ଥିଲେ
ରକ୍ତ ଛାଡ଼, ଦିଏନା ବି ପାଣି ମୁନ୍ଦେ
ସମସ୍ତଙ୍କୁ ରକ୍ତ ଶୂନ୍ୟ କରିବା ଲକ୍ଷ୍ୟରେ
ବୁଢ଼ିଆଣୀ ଜାଲ କଉଶଳେ ଛନ୍ଦେ ॥
ତୋଷାମଦିଆର ମଣିଷପଣିଆ
ହୃଦୟରୁ କେବେ ଗାଏବ ଥାଏ
ମୁଁ ତୋଷାମଦକୁ ଅସ୍ତ୍ର କରି
କାହାପାଇଁ ଚ୍ଚକ୍ରବ୍ୟୂହ ରଚ୍ଚୁଥାଏ ॥
ଗୋଳି ପାଣି କଙ୍କଡାକୁ ସୁହାଏ
ଏ ଉକ୍ତି କୁ ମୁଁ ବେଦଜ୍ଞାନ କରେ
କଳେ ବଳେ ସ୍ୱାର୍ଥ ହାସଲାର୍ଥ ?
ସ୍ୱଚ୍ଛ ପାଣିକୁ ମୁଁ ପ୍ରଦୂଷିତ କରେ ॥
ରାଜନୀତିର ପଙ୍କିଳ ପରିବେଶେ
ମୁଁ ଛଳନାର ପଦ୍ମ ଫୁଟାଏ
ଚବିଶ କ୍ୟାରେଟ ମିଛ ଗ୍ୟାରେଣ୍ଟିରେ
ମୁଁ ଲୋକଙ୍କୁ ଭକୁଆ ବନାଏ ॥

ନୂଆପଡା, କଟକ

## ଓଡ଼ିଆ ପୁଅ

କବି କେଶବ ଚ୍ଚନ୍ଦ୍ର ନାୟକ



ଓଡ଼ିଆ ପୁଅ ମୁଁ ଓଡ଼ିଆ ମୋ ଭାଷା
ଓଡ଼ିଶା ମୋର ଗର୍ବ.....
ଓଡ଼ିଆ ମୋର ଆତ୍ମ ପରିଚ୍ଚୟ
ଓଡିଆତ୍ୱ ବାସେ ସର୍ବ....,!!
ଓଡ଼ିଆ ଭାଷା ମୋ ଅଟେ ମାତୃଭାଷା
ସେ ଭାଷା ଅମୃତ - ମିଷ୍ଟ
କବି ସମ୍ରାଟ ଭଞ୍ଜ ବୀରବର
କାବ୍ୟାଳଙ୍କାର ଶ୍ରେଷ୍ଠ....!!
ସବୁଜ ବନାନୀ କେତେ ନଦନଦୀ
ଶଇଳ ଶିଖର ଶୋହେ....
ପ୍ରକୃତି ସୁନ୍ଦରୀ କରେ ମନ ଚୋରୀ
ନିର୍ଝର ସଂଗୀତ ଗାଏ.....!!
ସବୁଜ କ୍ଷେତରେ ଫଳାଏ ଫସଲ
ଏହି ମୋ ଓଡ଼ିଆ ପୁଅ....
ଏ ମାଟି ପାଇଁ ସେ ଝରାଏ ଶୋଣିତ
ସଂଗ୍ରାମେ ନକରେ ଭୟ...!!
ଏ ମାଟିର ବୀର ଲକ୍ଷ୍ମଣ ନାୟକ
ଦେଶ ମାତୃକା ପାଇଁ.....
ସଂଗ୍ରହ କରି ଶହୀଦ ହୋଇଲେ
ଏ ମାଟି ସ୍ୱାଧୀନ ଦେଇ....!!
କୃଷ୍ଣ ଚ୍ଚନ୍ଦ୍ର ଗଜପତି ମହାରାଜା
ମଧୁବାବୁ - ଗୋପବନ୍ଧୁ....
ଉତ୍କଳ ମାତାର ସୁଯୋଗ ସନ୍ତାନ
ଉତ୍କଳର ପ୍ରାଣ ବିନ୍ଦୁ...!!
ଗତ ଗୋ ?ରବ ହୃତ ଗୋ ?ରବ
ଫେରାଇ ଆଣିଲେ ମିଶି...
ଗାଏ ସେହି ଗାଥା ଯୁଗ ଯୁଗ ବ୍ୟାପି
ସଂଗ୍ରାମେ ପ୍ରାଣ ଝାସି...!!
ନୀଳକନ୍ଦରେ ବିଜେ ଜଗନ୍ନାଥ
ବଳିଆର ଭୁଜ ଟେକି....
ସତ୍ୟ ଧର୍ମ ମାର୍ଗ ଓଡ଼ିଆ ଅସ୍ମିତା
ଦିଅଇ ସେ ଡାକି ଡାକି...!!
ଦେଖ ଦେଖ ନେତ୍ର କରି ବିମୋଚ୍ଚନ
ବିମୁଗ୍ଧ କୋଣାର୍କ ଗାତ୍ର....
ପଥର ଦେହରେ ପ୍ରାଣ ବିକଶିତ
କଳା ଭାସ୍କର୍ଯ୍ୟର ସୂତ୍ର...!!
ହୀରାକୁଦ ବନ୍ଧ ଦେଖ ଦେଖ ଭାଇ
ରାଉରକେଲାକୁ ଦେଖ....
ବାରବାଟୀ ଦୁର୍ଗ ନେତ୍ର ଫାଡି ଦେଖ
ହାତୀଗୁମ୍ଫା ଆମ ସାକ୍ଷ୍ୟ...!!
ବ୍ରହ୍ମପୁର ପାଟ ଦେଖ ଦେଖ ଭାଇ
ସମ୍ବଲପୁରର ଶାଢ଼ୀ....
ପିପିଲି ଚ୍ଚାନ୍ଦୁଆ ମନକୁ ମୋହୁଛ
କଟକୀ ରୂପେଲି ଧଡି...!!
ଓଡ଼ିଆ ପୁଅ ମୁଁ ପଖାଳ କଂସାରେ
ଅପାର ଆନନ୍ଦ ପାଏ....
ଘରଣୀ ମୋହର ଅତି ଭକତିରେ
ବାର ଓଷା ପାଳୁଥାଏ...!!

(ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନଗିରି)
ମୋନଂ:୯୪୩୭୭୭୯୪୪୭

## ସତରେ ତୁ ଜହ୍ନ

ରମେଶ ଚ୍ଚନ୍ଦ୍ର ନାୟକ



ସତରେ ତୁ ଜହ୍ନ ଭାରି ସୁନ୍ଦର
ତୋତେ ଦେଲେ ଦେଖି ଆଖି
ଯାଏ ଲାଖି
ପଡ଼ି ଯାଇଥାଏ ଖର ନଜର ।
ସତରେ ତୁ ଜହ୍ନ କି ମନୋହର
ତାରକା ମେଳରେ ତୁ ଥିରି
ଚ୍ଚାଲିଲେ
ବାଦଲ ଦଉଡେ ପଛେ ତୋହର ।
ସତରେ ତୁ ଜହ୍ନ କେଡ଼ ? ଶୀତଳ
ତୋର ଜୋଛନାରେ ମଜା
ଭିଜିବାରେ
ପଶୁ ପକ୍ଷୀ କୀଟ ନର ସକଳ ।
ସତରେ ତୁ ଜହ୍ନ ବଡ଼ ଦୟାଳୁ
ସୂର୍ଯ୍ୟ ତାପ ସହି ଆମ ହିତ ପାଇଁ
ଶୀତଳ ଆଲୋକ ଧରାକୁ ଢାଳୁ ।
ସତରେ ତୁ ଜହ୍ନ ଶିଶୁଙ୍କ ପ୍ରିୟ
ମାଆ କାଖେ ବସି ତୋତେ ଡାକେ
ହସି
ନ ଦେଖିଲେ ଶିଶୁ ହୁଏ ଅଥୟ ।
ସତରେ ତୁ ଜହ୍ନ ବଡ଼ ପ୍ରେମିକ
ତୋର ଶୁଭ୍ର ଜ୍ୟୋତି ପାଗଳ
କରେଟି
କେତେ ଚ୍ଚିତ୍ରକର କବି ଭାବୁକ ।
ସତରେ ତୁ ଜହ୍ନ ଚ୍ଚଉକିଦାର
ବିନା ଶବଦରେ ଅନ୍ଧକାର ମରେ
ତୁ ଥିଲେ ଆସେନି ଭୟରେ ଚୋର ।
ହେଲେବି ତୁ ଜହ୍ନ ପାଠ ବାଧକ
ପାଠ ପଢା ଛାଡି ତୋର ଧଳାଖଡି
ଧରିକି ଖେଳନ୍ତି ବାଳା ବାଳକ ।

ଦରଭା , ମଙ୍ଗଳପୁର ,ଯାଜପୁର
ମୋ :- ୭୯୭୮୧୫୧୭୧୦

## କୁଶଳୀ କାରିଗର

ପୂର୍ଣ୍ଣଚନ୍ଦ୍ର ବହଳୀ



ହଁ ମୁଁ ଏକ ନାରୀ
ନିଜ ପାଇଁ ନିଜେ ଏକ ପରୀ
ପ୍ରେମରେ ଭରପୁର
ମୋ ପ୍ରିୟତମ ପାଇଁ ସୌନ୍ଦର୍ଯ୍ୟର ମୂର୍ତ୍ତି
କୁଶଳୀ କାରିଗରଟିଏ
ଯିଏ ମୋତେ ଗଢିଲା

ମମତା କରୁଣା ଦେଇ
ପୁଣି ମୋତେ ସଜାଇଲା
ଜୀବନଟାକୁ ସାକାର କଲା
ଏକ କୁଶଳୀ କାରିଗରଟିଏ
ମୋତେ କରିଦେଲା
ପ୍ରଥମ ଗୁରୁ ବନାଇଦେଲା

ହଁ ମୁଁ ନାରୀ
ଭିନ୍ନ ରୂପିଧାରିଣୀ
ସଭିଙ୍କୁ ମୋହିଲା
ଏବେ କେବଳ
କେତେବେଳେ ମା
କେତେବେଳେ ଝିଅ
ଆଉ ସବୁ ଶୂନ୍ୟ
ବାପା ମାଙ୍କର ଝିଅ
ଝିଅ ପାଇଁ ଏକ ମା
ମୁଁ ବଂଚ୍ଚିଛି
କୁଶଳୀ କାରିଗରଟିଏ ହୋଇ
ହଁ ତୋର ପରିଚ୍ଚୟ ମୁଁ
ମୋର ପରିଚ୍ଚୟ ତୁ
ଏକ ମା ମୁଁ
ମୁଁ ତୋର ମା ଅଟେ ଳ

ସମ୍ପାଦକ 'ଶିବାନୀ 'ଭଦ୍ରକ

## ଅସକ୍ତା

ସୁରେନ୍ଦ୍ର ନାଥ ସାହୁ

ତୁ କାହା ପାଇଁ ଥିଲୁ
ମାତ୍ର ଝିଅଟିଏ,
କିନ୍ତୁ ଆମ ପାଇଁ ଥିଲୁ
ନବୀନ ଆଲୁଅ ପ୍ରାୟେ।
ତୋ ଚ୍ଚରିତ୍ର ସୁଗନ୍ଧିତ
ଶୀତଳ ଚ୍ଚନ୍ଦନ,
ସହଜେ ମୋହି ନେଉଥିଲା
ସାହି ଭାଇ ପଡୋଶୀଙ୍କ ମନ।
ତୋ ଡାକରେ ଥିଲା
ଅପୂର୍ବ ସରଧାର ଭାବ,
ବିମଳ ବ୍ୟବହାରର ତରୁଣତାରେ
ମହକୁଥିଲା ତୋ ସ୍ୱଭାବ ?।
ଦୁଃଖ ଦୁର୍ଦ୍ଦଶାର ପାହାଡ
ମାଡ଼ି ବସିଥିଲା ତୋତେ,
ତଥାପି ତୁ ହସି ହସାଉଥିଲୁ
ସତରେ ଯେମିତି
କିଛି ଦୁଃଖ ନାହିଁ ସତେ।
ତୋ ନିଜ ରକ୍ତ ସମ୍ପର୍କର
ସହି ଅନେକ କଷଣ ଧର୍ଷଣ,
ତଥାପି ଦେଉଥିଲୁ ସେମାନଙ୍କୁ
ତୁ ଅତି ସମ୍ମାନ।
ବିଘ୍ନ ବହୁଳ ବନ୍ଧନର
ଯନ୍ତ୍ରଣା ଦାୟୀ ଯନ୍ତାରେ ରହି ବି,
କରି ପାରୁଥିଲୁ ତାଙ୍କ ସେବା
ତାଙ୍କୁ ବଡ଼ ଭାବି।
ତୁ ଥିଲୁ ମାନବୀ ଫୁଲ
ପାରିବାରିକ ପଙ୍କଜ,
ଛଳନାର ତିବ୍ର ତତଲା ପଙ୍କ
ଜାଳି ଦେଲା ତୋ ଜୀବନ ଧ୍ୱଜ।
ଭୁଲି ହେଉ ନାହିଁ ତୋତେ
ଲାଗୁଛୁ ଥିଲା ପରି
ତୁ ଥିଲୁ ସ୍ୱପ୍ନର ସୌଦାଗରୀ
ତୋ ଘରର ଶିରୀ।
ପିପାସୁ ସ୍ୱାର୍ଥ ନେତ୍ରର ନିଆଁ ଜ୍ୱାଳା
ପାରିଲୁନି ବୋଧେ ସମ୍ଭାଳି,
କିନ୍ତୁ ତୁ ବଞ୍ଚିଯାଇ ଥାନ୍ତୁ
ସାଜି ଯାଇଥିଲେ କରାଳ କଳୀ।
ତୋ ରକ୍ତ ମାଂସର ଦେହେ
ବାସ କରୁଥିଲା
ଏକ ଚ୍ଚଳନ୍ତି ସହାରଦ୍ଧମୟୀ ଦେବୀ।
କାହିଁକି ଛାଡି ଗଲୁ ଅବେଳରେ ମା
ଅହେତୁକ କର୍ମ କରି
ସଭିଙ୍କୁ ପର ଭାବି।

କଳମ୍ବ (ଡିହସାହି)
ପୋଲସରା
ଗଞ୍ଜାମ
୭୬୧୧୦୫
ମୋ ନଂ:-୮୧୨୮୯୧୯୨୫୬




## ବେଆଇନ କଳାପଥର ପରିବହନ କରୁଥିବା ଗାଡି ଜବତ, ୨ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଚଡେଇଧରା ନିକଟରୁ ପୁଲିସ ବେଆଇନ ଭାବେ କଳାପଥର ବୋଝେଇ ଏକ ହାଇଓ୍ୱା ଗାଡିକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ପୁଲିସ ରାତ୍ରି ପେଟ୍ରୋଲିଂ କରୁଥିବା ବେଳେ ପିଡି-୦୨-ଏଜେ-୨୫୪୪ନଂ ଏକ ହାଇଓ୍ୱା ଗାଡିରେ କଳାପଥର ପରିବହନ ହେଉଥିବା ଦେଖି କାଗଜପତ୍ର ଯାଁଚ କରିଥିଲେ । ତେବେ ଗାଡିରେ ବସିଥିବା ଏକ ଘରୋଇ କମ୍ପାନୀର ସୁପରଭାଇଜର କାଗଜପତ୍ର ଦେଖାଇବାକୁ ଅସମର୍ଥ ହୋଇଥିଲେ । ଫଳରେ ପୁଲିସ ଗାଡିକୁ ଜବତ କରିବା ସହ ନୟାଗଡ ଅଂଚଳର ଗାଡି ଡ୍ରାଇଭର ରଶ୍ମୀରଂଜନ ଦଳବେହେରା (୪୨) ଓ ମଙ୍ଗଳପୁର ଥାନା ସୁଶୁଆ ଗ୍ରାମର ସୁପରଭାଇଜର ସୁନାକର ମହାନ୍ତି (୪୪)ଙ୍କୁ ଗିରଫ କରିଥିଲା । ଏଥିନେଇ ୩୨୬/୨୨ରେ ଏକ କେଶ ରୁଜୁ କରି ଡ୍ରାଇଭର ଓ ସୁପରଭାଇଜରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଲା, ବାଲିବନ୍ଧ ଧୋଇନେଲା ପ୍ରଖର ସ୍ରୋତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯାଇଥିଲା । ପାଣି ରୋକା ଯାଇଥିଲେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ବାଲିଘାଟ କରାଯାଇ ବାଲିଲୁଟ୍ ହୋଇଥାନ୍ତା । ହେଲେ ବାଲିଘାଟ ଚାଲିବା ପୂର୍ବରୁ ବ୍ରାହ୍ମଣୀର ପ୍ରଖର ସ୍ରୋତ ବାଲିବନ୍ଧକୁ ଧୋଇନେଲା । ଫଳରେ ବାଲିଘାଟ ପାଇଁ ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଛି । ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ୧୨ବର୍ଷ ହେଲା ବ୍ରାହ୍ମଣୀ ବଂଚାଅ ଆନ୍ଦୋଳନ ଜାରି ରହିଛି । ଏହି ସମୟରେ ବ୍ରାହ୍ମଣୀ ପାଣିକୁ ଅଟକାଇ ବାଲିବନ୍ଧ କରିବାକୁ କିଏ ଅନୁମତି ଦେଲା, ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରକାଶ ଯେ, ପୂର୍ବରୁ ଧର୍ମଶାଳା ତହସିଲ ଅଧୀନରେ ଥିବା ଗୋକର୍ଣ୍ଣେଶ୍ୱର ବାଲିଘାଟ ଏବେ ରସୁଲପୁର ତହସିଲ ଅଧୀନରେ ରହିଛି । ବର୍ତମାନ ବ୍ରାହ୍ମଣୀରେ ପାଣି ପ୍ରବାହିତ ହେଉଥିବାରୁ ବାଲି ଉତୋଳନ କରିବାରେ ବାଧା ଉପୁଜୁଛି । ଫଳରେ ବାଲିଘାଟ ଚଳାଇବା ପାଇଁ ଏକ ପୋକଲିନ୍ ମେସିନ୍ ସାହାଯ୍ୟରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ନଦୀଗର୍ଭରେ ଓଡ଼ଙ୍ଗ ଗାଁ ପର୍ଯ୍ୟ' ପ୍ରାୟ ୩୦୦ମିଟର ଲମ୍ବର ଏକ ବାଲିବନ୍ଧ କରାଯାଇଥିଲା । ଯାହା ଏକ ନିୟମବିରୁଦ୍ଧ କାର୍ଯ୍ୟ ବୋଲି ଅଭିଯୋଗ ହୋଇଥିଲା । ତେବେ ବାଲିବନ୍ଧ ନିର୍ମାଣର ଦୁଇଦିନ ପରେ ବ୍ରାହ୍ମଣୀର ପ୍ରଖର ସ୍ରୋତ ଏହାକୁ ଧୋଇ ନେଇଥିଲା । ବ୍ରାହ୍ମଣୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯିବା ଓ ଏହାକୁ ପାଣିସୁଅ ଧୋଇନେବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପଟେ ବାଲିବନ୍ଧ ଯୋଗୁ ବ୍ରାହ୍ମଣୀ ତଳ ଅଂଚଳକୁ ପାଣି ପ୍ରବାହିତ ବନ୍ଦ ହୋଇଯାଇଥିଲା । ଯାହାକୁ ନଦୀ ତଟବର୍ତୀ ଅଂଚଳବାସୀ ତୀବ୍ର ବିରୋଧ କରିଥିଲେ । ପୂର୍ବରୁ ବ୍ରାହ୍ମଣୀ ସେତୁ ନିକଟରୁ ବିପୁଳ ପରିମାଣର ବାଲି ଉତୋଳନ କରାଯିବା ଯୋଗୁ ୨ଟି ସେତୁପ୍ରତି ବିପଦ ସୃଷ୍ଟି ହୋଇଥିଲା । ଏବେ ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଆଉ ଏକ ସେତୁ ନିର୍ମାଣ କରାଯାଇଛି । ଏଠାରୁ ବାଲି ଉତୋଳନ କରାଗଲେ ନିକଟରେ ଥିବା ୩ଟି ସେତୁ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି । ତୁରନ୍ତ ଏହି ବାଲିଘାଟ ନିଲାମକୁ ବାତିଲ କରିବାପାଇଁ ବ୍ରାହ୍ମଣୀ ଉପରେ ନିର୍ଭର କରୁଥିବା ୧୦ରୁ ଅଧିକ ପଂଚାୟତବାସୀ ରାଜସ୍ୱମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ଛାତ୍ର, ବିଧାୟକ ଦେଲେ ନୂତନ ସାଇକେଲ



ବୟାଳିଶମୌଜା (ପିଏନ୍): ବୟାଳିଶମୌଜା ଗୋବିନ୍ଦପୁର ନିବାସୀ ଗଣେଶ୍ୱର ସ୍ୱାଇଁଙ୍କ ପୁତ୍ର ସୌମ୍ୟରଂଜନ ସ୍ୱାଇଁ ବିଦ୍ୟାଳୟରୁ ନିଜ ଗରକୁ ଫେରୁଥିବା ସମୟରେ ବେଂଟକାର ଷ୍ଟେଟବ୍ୟାଙ୍କ ଛକ ନିକଟରେ ମୋ ବସ ସହିତ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ । ବେଂଟକାର ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ସୌମ୍ୟରଂଜନ ବିଦ୍ୟାଳୟରୁ ନିଜ ସାଇକେଲରେ ଘରକୁ ଫେରିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ମୋ ବସ ସାଇଡ ମାରିବାରୁ ସୌମ୍ୟରଂଜନ ସାଇକେଲରୁ ତଳେ ପଡିଯାଇଥିଲେ । ମୋ ବସ ସାଇକେଲ ଉପରେ ଚଢି ଯାଇଥିଲା । ସ୍ଥାନୀୟ ଯୁବକମାନେ ବସକୁ ଅଟକାଇବା ସହିତ ସେହି ସ୍ଥାନରେ ଉତେଜନା ଦେଖାଯାଇଥିଲା । ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୌମ୍ୟରଂଜନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ବୟାଳିଶମୌଜାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଖବରପାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଆଶୁ ଚିକିତ୍ସାର ବନ୍ଦୋବସ୍ତ କରିଥିଲେ । ଦୁର୍ଘଟଣାରେ ସୌମ୍ୟରଂଜନଙ୍କର ସାଇକେଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏକ ନୂତନ ସାଇକେଲ କ୍ରୟ କରିବା ପାଇଁ ସୌମ୍ୟରଂଜନଙ୍କ ପିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏକ ବହୁତ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଯାଇଥିବା ସୌମ୍ୟରଂଜନଙ୍କ ପରିବାର ତଥା ଗୋବିନ୍ଦପୁରବାସୀ ବିଧାୟକଙ୍କର ଏଭଳି ପଦକ୍ଷେପ ପାଇଁ ସାଧୁବାଦ ଦେଇଛନ୍ତି ।

## ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଗୀତା ପାରାୟଣ ପାଠ



ଭୁବନେଶ୍ୱର (ପିଏନ୍): ଜୟଦେବ ବିହାର ସ୍ଥିତ ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଦୈନିକ ସନ୍ଧ୍ୟା ସମୟରେ ଗୀତା ପାରାୟଣ ପାଠ ଅନୁଷ୍ଠିତ ହେଉଅଛି । ଏହି ଗୀତା ପାରାୟଣ ପାଠ ୧୮ ଦିନ ଧରି ଚାଲିବ । ମନ୍ଦିର ପରିଚାଳନା ଅଧକ୍ଷ ସୂର୍ଯ୍ୟନାରାୟଣଙ୍କ ତ ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ଶ୍ରୀ ଡି. ସେସୁକୁମାର ସ୍ୱାମୀ ପ୍ରତିଦିନ ସନ୍ଧ୍ୟାରେ ଭକ୍ତଙ୍କ ଗହଣରେ ଗୀତା ପାରାୟଣ ପାଠ ପରିବେଷଣ କରୁଛନ୍ତି ।

## ରାସ୍ତା ମରାମତି ସ୍ଥାନରେ ବଢୁଛି ମୃତ୍ୟୁହାର

ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର । ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ । ରାଜ୍ୟରେ କୋଭିଡ୍ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି । ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି । ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ । ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା । ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଗଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି । ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ । ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି । ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଡ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି । ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି । ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି । ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି । ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା । ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି । ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ । ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ । ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ । ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର । ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ । ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି । ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି । ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର । ହେଲେ ଅନୁପାଳନ ହେଉନାହିଁ । ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ । ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି । ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି । ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି । ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି । ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି । ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ । ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରାଜ୍ୟରେ ଫସଲବୀମା ନମିଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦାୟୀ

ଭୁବନେଶ୍ୱର (ପିଏନ୍): ପଶ୍ଚିମ ଓଡିଶାର ବରଗଡ, ପଦ୍ମପୁର ଆଦି ଅଞ୍ଚଳରେ ଚାଷୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ ସୁଦ୍ଧା ସରକାରଙ୍କ ନିଦ ଭାଙ୍ଗୁ ନଥିଲା । ଏବେ ପଦ୍ମପୁର ଉପନିର୍ବାଚନ ଦୃଷ୍ଟିରୁ ବିଜେଡି ଓ ବିଜେଡି ଉଭୟେ ପରସ୍ପରକୁ ଦାୟୀ କରି ଚାଷୀମାନଙ୍କୁ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି । ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା ପାଇଁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଦୋଷୀ । ନରେନ୍ଦ୍ରମୋଦୀ ସରକାର କ୍ଷମତାକୁ ଆସିଲା ପରେ ୨୦୧୬ ମସିହାରେ ଘରୋଇ ବୀମା କମ୍ପାନୀକୁ ପ୍ରବେଶ କରାଇ ଏହାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଖିଲେ । ରାଷ୍ଟ୍ରାୟତ ବୀମା କମ୍ପାନୀ ଗୁଡିକୁ ସ୍ଥାଣୁ କରିଦେଲେ । ଫସଲବୀମା ଯୋଜନା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ନିଜର ମନ ମୁତାବକ କମ୍ପାନୀ ଚୟନ କରିବେ । ଏହି ଯୋଜନାରେ ବୀମା ପ୍ରିମିୟମ ବାବଦକୁ ହିତାଧିକାରୀ କୃଷକ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅର୍ଥରାଶି ବହନ କରିବେ । ଏହି ଯୋଜନା ପ୍ରଣୟନ ହେବାର ଛଅ ବର୍ଷ ପରେ ସରକାରୀ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଘରୋଇ ବୀମା କମ୍ପାନୀମାନେ ସମଗ୍ର ଅର୍ଥକୁ ଲୁଟ କରୁଛନ୍ତି । ନିକଟରେ ଏକ ତଥ୍ୟ ପ୍ରକାଶ ପାଇଛି ଯେ ବିନା ପୁଞ୍ଜି ବିନିଯୋଗରେ ଏହି କମ୍ପାନୀମାନେ ୪୦୦୦୦ କୋଟି ଟଙ୍କା ହଡପ କରିଛନ୍ତି । ଓଡିଶା ସମେତ କୌଣସି ରାଜ୍ୟରେ ଚାଷୀ ଏହାର କୌଣସି ସୁବିଧା ପାଉନାହାଁନ୍ତି । ଏହାର ପରିଣାମ ସ୍ୱରୁପ ବିଜେପି ଶାସିତ ଗୁଜୁରାଟ ସମେତ ୧୦ରୁ ଉର୍ଦ୍ଧ୍ୱ ରାଜ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଚୁକ୍ତିରୁ ଓହରିବା ଆରମ୍ଭ କରିଛନ୍ତି ।

କେନ୍ଦ୍ର ସରକାର ସ୍ଥିର କରିଥିବା ହାତ ଗଣତି କିଛି କମ୍ପାନୀ ମଧ୍ୟରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଓଡିଶାରୁ ହଟାଇବା ସହ ଖିଲାପି କମ୍ପାନୀଗୁଡିକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । କିନ୍ତୁ ଓଡିଶାରେ ଘରୋଇ ବୀମା କମ୍ପାନୀର ବ୍ୟବସାୟ ଚାଲୁ ରହିଛି । ଓଡିଶାର ଚାଷୀ ବହୁଳ ଅଞ୍ଚଳ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା ରାଶି ପାଉନାହାଁନ୍ତି । ରାଜ୍ୟ ସରକାରଙ୍କ ଟେକନିକାଲ ଟିମ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଲା ପରେ ବୀମା କମ୍ପାନୀ ଚାଷୀଙ୍କୁ ଏହି ବୀମା ରାଶି ପୈଠ କରିବା ପାଇଁ ନିୟମ ରହିଛି । ଜିଲ୍ଲା ସ୍ତରର ବିବାଦ ଫଇସଲା ପାଇଁ ଜିଲ୍ଲାପାଳ ନୋଡାଲ ଏଜେନ୍ସି ଭାବେ କାମ କରିବେ । ମାତ୍ର ଅଧିକାଂଶ ସ୍ଥାନରେ ସଠିକ୍ ସମୟରେ କ୍ଷୟକ୍ଷତିର ସର୍ଭେ ନହେବା, ସଠିକ ସମୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ସ୍ଥିର ନ ହୋଇପାରିବା ଇତ୍ୟାଦି ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ବୀମା କମ୍ପାନୀମାନଙ୍କର ବ୍ୟାବସାୟିକ ଲୁଣ୍ଠନ ମନୋବୃତ୍ତି ଯୋଗୁଁ ଚାଷି ଲାଭ ପାଉ ନାହିଁ । ଏବଂ ସରକାରଙ୍କ ପ୍ରିମିୟମ ଦେୟ ମଧ୍ୟ ଲୁଟ ହେଉଛି । କ୍ରମାଗତ ଭାବେ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ ଏହିଭଳି ଚାଷୀ ମାରଣ ବୀମା ଯୋଜନା ପଦାକୁ ଆସିଥିଲେ ମଧ୍ୟ ରାଜ୍ୟ ସରକାର ସମ୍ପୃକ୍ତ ବୀମା କମ୍ପାନୀମାନଙ୍କ ବିରୋଧରେ ଅର୍ଥନୈତିକ ଅପରାଧିକ ମାମଲା କାହିଁକି ଦାୟର କରିନାହାଁନ୍ତି ? କେନ୍ଦ୍ର ସରକାରଙ୍କ ଏହି ଯୋଜନାରୁ ରାଜ୍ୟ ସରକାର କାହିଁକି ଓହରି ନାହାଁନ୍ତି ? ଜିଲ୍ଲାପାଳମାନେ ଚାଷୀମାନେ ବୀମା ରାଶି ପାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ? କେନ୍ଦ୍ର ସରକାର ଏହି ଲୁଟେରା କମ୍ପାନୀମାନଙ୍କୁ କଳା ତାଲିକାଭୁକ୍ତ କରି ବ୍ୟବସାୟରୁ ହଟାଉନାହାଁନ୍ତି କାହିଁକି ? ଏହି ପ୍ରଶ୍ନର ଉତ୍ତର ରାଜ୍ୟ ସରକାର ଦେବା ଦରକାର । ବାସ୍ତବରେ ନରେନ୍ଦ୍ର ମୋଦୀ ସରକାରଙ୍କର ଫସଲ ବୀମା ଯୋଜନାର କର୍ପୋରେଟକରଣ ହିଁ ଏହି ଅବସ୍ଥା ପାଇଁ ମୂଳତଃ ଦାୟୀ । ରାଜ୍ୟ ସରକାର ଚାଷୀଙ୍କ ହିତରେ ଠୋସ କୌଣସି ପଦକ୍ଷେପ ଗ୍ରହଣ ନକରି କେବଳ ଚିଠି ଲେଖି ଚୁପ୍ ରହିବା ଯୋଗୁଁ ଚାଷୀମାନେ ହିଁ ହନ୍ତସନ୍ତ ହେଉଛନ୍ତି । ଆଜିର ପରିସ୍ଥିତି ପାଇଁ ଉଭୟ ସରକାର ଦାୟୀ । ଉଭୟ ସରକାର ପରସ୍ପରକୁ ଦୋଷାରୋପ କରି ନିଜ ଉତ୍ତର ଦାୟିତ୍ୱକୁ ଏଡାଇ ଦେବା ପାଇଁ ବସିଛନ୍ତି । ଏହା ସହିତ ସମସ୍ତ ଚାଷୀମାନଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୩୦୦୦ଟଙ୍କା ଦରରେ ସବୁ ଧାନ କ୍ରୟ କରିବାକୁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । ରାଜ୍ୟ ସରକାର ସ୍ୱାମୀନାଥନ କମିଶନ ସୁପାରିଶ ଅନୁଯାୟୀ ପ୍ରତି ବର୍ଷ ଉତ୍ପାଦନ ଖର୍ଚ୍ଚର ଅର୍ଦ୍ଧେକ ଖର୍ଚ୍ଚ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟକୁ ସମର୍ଥନ କରୁଥିବା କହୁଥିଲେ ହେଁ ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନେଉନାହାଁନ୍ତି । ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୫୦ ଟଙ୍କା କରିବା ପାଇଁ ରାଜ୍ୟ ବିଧାନ ସଭାରେ ଏକ ସର୍ବଦଳୀୟ ସଂକଳ୍ପ ପାରିତ କରାଇ କେନ୍ଦ୍ର ସରକାରଙ୍କୁ ଚିରାଚରିତ ଢଙ୍ଗରେ ଚିଠି ଲେଖି ଦେଇ ନିଜ କର୍ତ୍ତବ୍ୟ ସରିଗଲା ବୋଲି ଭାବୁଛନ୍ତି ।

କେରଳ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଘୋଷିତ ସହାୟକ ମୂଲ୍ୟ ଉପରେ କୁଇଣ୍ଟାଲ ପ୍ରତି ୯୦୦ଟଙ୍କା ବୋନସ ଏବଂ ଛତିଶଗଡ, ଝାଡଖଣ୍ଡ, ତାମିଲନାଡୁ ଆଦି ରାଜ୍ୟ ସରକାରମାନେ ମଧ ବୋନସ୍ ପ୍ରଦାନ କରୁଥିବା ବେଳେ ଓଡିଶା ସରକାର ଟଙ୍କାଟିଏ ମଧ ବୋନସ୍ ଦେଉନାହାଁନ୍ତି । ରାଜ୍ୟ ସରକାର ସଂଗ୍ରହ ମୂଲ୍ୟ ଉପରେ ରାଜ୍ୟ ଖାଉଟି ଓ ଯୋଗାଣ କର୍ପୋରେସନ୍ ପାଉଥିବା କମିଶନ ଛାଡ କରି ଦେଇ ସେହି ଅର୍ଥ ସିଧାସଳଖ ଅନ୍ତତଃ ଚାଷୀମାନଙ୍କୁ ପ୍ରଦାନ କଲେ ଚାଷୀମାନେ କିଛିଟା ଉପକୃତ ହୁଅନ୍ତେ । ଅନ୍ୟପକ୍ଷରେ ସରକାରୀ କଳ, ଧାନ କଳ ମାଲିକମାନଙ୍କ କୁଚକ୍ରୀ ଗୋଷ୍ଠି ଚାଷିମାନଙ୍କ ଠାରୁ ସଂଗ୍ରହ ବେଳେ 'କଟନୀ ଛଟନୀ' କରି ୭/୮ କିଲୋ ପର୍ଯ୍ୟନ୍ତ ଧାନ କାଟି ରଖୁଛନ୍ତି । ଏପରି ବେଆଇନ ଆଦାୟ ଯୋଗୁଁ ଶହ ଶହ କୋଟି ଟଙ୍କା ବିପୁଳ କଳାଧନକୁ ଡିଲର, ସୋସାଇଟି, ସରକାରୀ ବାବୁ ଏବଂ ଶାସକ ଦଳ ମଧ୍ୟରେ ବଣ୍ଟନ ହେଉଛି । ଏହାସହିତ ଚାଷୀମାନଙ୍କ ମଧ୍ୟରେ ଟୋକନ ବଣ୍ଟା ହେଲା ପରେ ମଧ ଧାନ ସଂଗ୍ରହ ହେଉନାହିଁ । ଫଳରେ ଚାଷୀ ଅଭାବୀ ଦରରେ ଧନ ବିକ୍ରୀ କରିବାକୁ ବାଧ ହେଉଛି । ଏପରି ଶହ ଶହ କୋଟି ଟଙ୍କାର ଦୁର୍ନୀତି ସ୍ପଷ୍ଟ ଦିବାଲୋକରେ ଚାଲିଛି । ଏହି ପଟ୍ଟଭୂମିରେ ଚଳିତ ପଦ୍ମପୁର ଉପନିର୍ବାଚନରେ ଚାଷୀ ସ୍ୱାର୍ଥ ବିରୋଧି ବିଜେପି ଓ ବିଜେଡି ଉଭୟଙ୍କୁ ପରାସ୍ତ କରି ଉଚିତ ଜବାବ ଦେବା ପାଇଁ ଆହ୍ୱାନ କରୁଛୁ । ଚାଷୀମାନଙ୍କୁ ଚଳିତ ବର୍ଷ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା ଦରରେ ସହାୟକ ମୂଲ୍ୟ ପ୍ରଦାନ କରିବା ଓ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ଦାବୀ କରୁଛୁ ।

## ରାଷ୍ଟ୍ରପତିଙ୍କୁ ପ୍ରଶଂସା କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛି ଉତ୍କଳ ସମ୍ମିଳନୀ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ପ୍ରଥମ ଓଡିଶା ଗସ୍ତ ସମୟରେ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ନିଷ୍ପତି ସ୍ୱାଗତଯୋଗ୍ୟ । ଅତିଥିମାନେ ଓଡିଶା ଆସିଲେ ପ୍ରଥମେ ଉତ୍କଳଗୌରବଙ୍କୁ ମାଲ୍ୟାର୍ପଣ କରିବା ପରମ୍ପରା ହେବା ଉଚିତ ବୋଲି ରାଷ୍ଟ୍ରପତିଙ୍କୁ ପ୍ରଶଂସା କରି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଓଡିଶାକୁ କିମ୍ବା ରାଜଭବନକୁ ଯେଉଁ ଅତିଥିମାନେ ଆସିବେ ସମସ୍ତେ ରାଜଭବନ ସମ୍ମୁଖରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଆବଶ୍ୟକ ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି । ପ୍ରଥମ ଓଡିଆ ରାଷ୍ଟ୍ରପତିଙ୍କ ପ୍ରଥମ ଓଡିଶା ଗସ୍ତକୁ ମନେରଖିବା ପାଇଁ ଏହି ପରମ୍ପରା ବଜାୟ ରଖିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନବୀନାବାଗ ସ୍ଥିତ ଧର୍ମପ୍ରାଣା ମହିଳା ଉଷାରାଣୀ ଶତପଥୀଙ୍କର ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଗତ ୨୦ତାରିଖ ରାତି ସାଢ଼େ ଦଶଟାରେ ପରଲୋକ ଘଟିଛି । ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ସେ ବିଶିଷ୍ଟ ଶିକ୍ଷାବିତ୍ ତଥା କବି ବାମଦେବ ଶତପଥୀଙ୍କ ପତ୍ନୀ ଅଟନ୍ତି । ରଣପୁର ବୃନ୍ଦାବନପୁରରେ ଜନ୍ମଗ୍ରହଣ କରିଥିବା ଧର୍ମପ୍ରାଣା ଉଷାରାଣୀଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଲଳିତ ମୋହନ, ପୁତ୍ରବଧୂ ବନ୍ଦିତା, ଦୁଇକନ୍ୟା ବିଜୟଲକ୍ଷ୍ମୀ ଓ ରାଜଲକ୍ଷ୍ମୀ ଏବଂ ଜାମାତା ଦ୍ୱୟ ବିଷ୍ଣୁପଦ ଶତପଥୀ ଓ ଚି ରଞ୍ଜନ କର ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଲଳିତ ମୋହନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅ ଳରେ ଗଭୀର ଶୋକ ପ୍ରକାଶ ପାଇଛି ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ

Bhubaneswar Sunday April 07, 2024 ଭୁବନେଶ୍ୱର ରବିବାର, ଅପ୍ରେଲ ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିପୁଳ ପରିମାଣ ବିଦେଶୀ ମଦ ଜବତ, ଜଣେ ଗିରଫ



କୋରାପୁଟ:(ପି ଏ ନ) କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳରେ।ବିପୁଳ ପରିମାଣ ବିଦେଶୀ ମଦ ଜବତ, ଜଣେ ଗିରଫ। ସାଧାରଣ ବିଧାନସଭା ଏବଂ ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଧରପଗଡ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଛି। ଏହିପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳରେ। ସୂଚନା ମୁତାବକ, ସୁନାବେଡା ଏସଡିପିଓ ମନୋବ୍ରତା ଶତପଥୀ ଏବଂ ଆଇପିଏସ୍ ?(ପ୍ରୋଭିସନାଲ୍ ?) ପାର୍ଥ କଶ୍ୟପ ମିଳିତ ଚଢ଼ାଉ ସମୟରେ ଉକ୍ତ ଅଞ୍ଚଳରୁ ୯୦ ଲିଟର ଫରେନ ଲିକର୍ ? ସିଜ କରି ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି।ସୂଚନାଯୋଗ୍ୟ, ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ ଏକ ଆନ୍ଧ୍ର ରାଜ୍ୟ ସୀମାନ୍ତ ହୋଇଥିବା ବେଳେ ନିର୍ବାଚନ ବିଗୁଲ ବାଜିଥିବା ବେଳେ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ନିଜ ଦଳ ପକ୍ଷରୁ ଟିକେଟ ପାଇ ସାରିଲେଣି, ଯାହାକୁ ନେଇ ଏହିପରି ସ୍ଥିତିରେ ପୋଲିସ ପାଇଁ ସୁରକ୍ଷା ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସହ ନିର୍ବାଚନ ପୂର୍ବରୁ ହେଉ ବା ନିର୍ବାଚନ ସମୟରେ କୈଣସି ଅଘଟଣ ନ ଘଟୁ ଏହାକୁ ଦୃଷ୍ଟିରେ ରଖି ସୁନାବେଡା ଏସଡିପିଓ ମୋନବ୍ରତା ଶତପଥୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଅଧିକାରୀଙ୍କ ଅଧିନରେ ଯାଉଥିବା ସୁନାବେଡା, ସେମିଳିଗୁଡା, ଦାମୋନଯୋଡି, ପଟ୍ଟାଙ୍ଗି, କୋଟିଆ ଏବଂ ସୁଙ୍କି ପ୍ରମୁଖ ଥାନା ମାନଙ୍କ ଅଞ୍ଚଳରେ ଯେପରି କୈଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ରଖିବାକୁ ସମ୍ପୃକ୍ତ ଥାନାଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ସୁସମ୍ପର୍କର ସର୍ବୋଚ୍ଚ ପ୍ରମାଣ ହେଲେ ପୁରନ୍ଦର ମିଶ୍ର

ରାୟପୁ.(ପି.ଏନ.) : ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ସୁସମ୍ପର୍କର ସର୍ବୋଚ୍ଚ ପ୍ରମାଣ ହେଲେ ପୁରନ୍ଦର ମିଶ୍ର ବୋଲି ଛତିଶଗଡ଼ ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦ୍ୱେ ସାୟ ମତ ପ୍ରକାଶ କରିଛନ୍ତି।ଶ୍ରୀ ମିଶ୍ର ଛତିଶଗଡ଼ ବିଧାନସଭାକୁ ନିର୍ବାଚିତ ହେବା ଦ୍ୱାରା ଉଭୟ ରାଜ୍ୟବାସୀଙ୍କ ମଧ୍ୟରେ ରହିଥିବା ଆପୋଷ ମିତ୍ରତା ପ୍ରମାଣିତ ହୋଇଯାଇଛି ବୋଲି ଶ୍ରୀ ସାୟ କହିଛନ୍ତି। ଛତିଶଗଡ଼ ଓ ଓଡ଼ିଶାର ଅଧିବାସୀଙ୍କ ମଧ୍ୟରେ ରହିଥିବା ଉ ମ ଭାଇଚାରାର ଏହାଠାରୁ ଆଉ ବଡ଼ ଉଦାହରଣ କିଛି ହୋଇ ନପାରେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।ଏଠାରେ ପ୍ରକାଶ ଯୋଗ୍ୟ ଯେ ପୁରନ୍ଦର ମିଶ୍ର ଏବେ ରାୟପୁର ନଗର ଉ ରର ବିଧାୟକ ରହିଥିବା ସାଙ୍ଗକୁ ଛତିଶଗଡ଼ ରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ନେଇ ଗଠିତ ସମଗ୍ର ଓଡ଼ିଆ ସମାଜର ପ୍ରଦେଶ ଅଧକ୍ଷ ଅଛନ୍ତି। ରାୟପୁର ଠାରେ ଆୟୋଜିତ ଉତ୍କଳ ଦିବସ ସମାରୋହ-୨୦୨୪ ରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ବିଷ୍ଣୁଦ୍ୱେ ସାୟ, ଉତ୍କଳ ଦିବସ କେବଳ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କର ଉତ୍ସବ ନୁହଁ ବରଂ ସମଗ୍ର ଛତିଶଗଡ଼ବାସୀଙ୍କ ପାଇଁ ଏହା ଏକ ମହାନ ମଉଛବ ବୋଲି ଦର୍ଶାଇଛନ୍ତି। ତାଙ୍କର ନିଜ ନିର୍ବାଚନ ମଣ୍ଡଳୀ ଜଶପୁରର ସହର ଓ ଗ୍ରାମା ଳରେ ବହୁ ସଂଖ୍ୟାରେ ଓଡ଼ିଶାବାସୀଙ୍କର ଉପସ୍ଥିତି, ଏହି ଦୁଇ ପ୍ରଦେଶର ନିବିଡ ସୌହାର୍ଦ୍ଦ୍ୟତାର ସ୍ୱାକ୍ଷର ବହନ କରୁଥିବା ଶ୍ରୀ ସାୟ ସୁଚାଇଛନ୍ତି। ଛତିଶଗଡ଼ ର ସମଗ୍ର ଓଡ଼ିଆ ସମାଜ ଏବଂ ରାୟପୁର ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ପ୍ରାୟ ପା ହଜାର ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସାମିଲ ହୋଇଥିବା ଦେଖାଯାଇଥିଲା।ସଭା ପୂର୍ବରୁ ସମଗ୍ର ଓଡ଼ିଆ ସମାଜର ଅଧକ୍ଷ ପୁରନ୍ଦର ମିଶ୍ରଙ୍କର ନେତୃତ୍ୱରେ ପ୍ରବାସୀ ଓଡ଼ିଆ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଉତ୍ସବ ସ୍ଥଳକୁ ଆସିଥିଲା। ପ୍ରାରମ୍ଭରେ ଆଗନ୍ତୁକ ଅତିଥିମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଚକା ଦର୍ଶନ ଏବଂ ଚତୁର୍ଦ୍ଧାମୂ ିଙ୍କର ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ଥାନା ସାମ୍ନା ସ୍ଥିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ର ନିର୍ମାତା ମଧୁସୂଦନ ଦାସଙ୍କର ପ୍ରତିମୂ ିରେ ମାଲ୍ୟାର୍ପଣ କରାଯାଇଥିଲା। ସମାବେଶକୁ ସମ୍ବୋଧନ କରି ମୁଖ୍ୟଅତିଥି ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ଗୌରବମୟ ଇତିହାସ ଏବଂ ଗାରିମା ଗାଥା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ବୋଲି କହିଥିଲେ। ରାଜ୍ୟର ଭାଷା, କଳା ଓ ସଂସ୍କୃତି ର ପ୍ରସାରଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପରି ମହାପୁରୁଷମାନଙ୍କର ଯୋଗଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ହରିଚନ୍ଦନ ସୁଚାଇ ଥିଲେ।ସଭାରେ ଉଦବୋଧନ ଦେଇ ବିଧାୟକ ଶ୍ରୀ ମିଶ୍ର ଛତିଶଗଡ଼ ରେ ବସବାସ କରୁଥିବା ଓଡିଶାବାସୀ ଙ୍କର ରାଜ୍ୟର ପ୍ରଗତି ନେଇ ବ୍ୟାପକ ଯୋଗଦାନ ରହିଥିବା ଉଲ୍ଲେଖ କରିଥିଲେ। ଛତିଶଗଡ଼ରେ ଥିବା ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷାକୁ ଏକ ବିଷୟ ଭାବରେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଶ୍ରୀ ମିଶ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କର ସାମନାରେ ଦାବୀ ଉପସ୍ଥାପନ କରିଥିଲେ।ଏହି ଅବସରରେ ବିଶିଷ୍ଟ ବୁଣାକାର ସାରିକା ମେହେରଙ୍କୁ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟ କୁଶଳତା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଅରୁଣ ସାଓ, ସାଂସଦ ସୁନୀଲ ସୋନି, ବିଧାୟକ ମୋତିଲାଲ ସାହୁ, ମେୟର ଇଯାଜ ଦେବର, ଉତ୍କଳ ସାଂସ୍କୃତିକ ପରିଷଦର ଅଧକ୍ଷ ଡ଼ଃ କେ.କେ ଭୋଇ, ଘାସି ସମାଜର ଅଧକ୍ଷ ରାଜେନ୍ଦ୍ର ବେହେରା, ଗଣା ସମାଜର ଅଧକ୍ଷ ଓକିଲ ତାଣ୍ଡି, ଆଦିବାସୀ ସମାଜର ଅଧକ୍ଷ ନାରାୟଣ ପ୍ରସାଦ ନରୌଜି, ସମଗ୍ର ଓଡିଆ ସମାଜର ସଂଗଠନ ମହାସଚିବ ସତ୍ୟଦେବ ଶର୍ମା, ମୁଖପାତ୍ର ଗୁଣନିଧି ମିଶ୍ର ଓ ୱାର୍ଲଡ଼ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ଉପ-ସଭାପତି ପୀୟୁଷ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## କିମ୍ସ ଭାରତର ଦ୍ୱିତୀୟ ହସ୍ପିଟାଲ



ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସେସ୍(କିମ୍ସ)ରେ ଗ୍ୟାଷ୍ଟ୍ରୋଇନ୍ଟେଷ୍ଟାଇନାଲ୍ ବ୍ଲିଡ଼ିଂ(ଜିଆଇ) ବନ୍ଦ କରିବା ପାଇଁ ହେମୋସ୍ପ୍ରେର ବ୍ୟବହାର କରାଯାଇଛି। ହେମୋସ୍ପ୍ରେ ବ୍ୟବହାର କରିବାରେ କିମ୍ସ ହେଉଛି ଭାରତର ଦ୍ୱିତୀୟ ହସ୍ପିଟାଲ୍। ଜଣେ ରୋଗୀ ଅସ୍ତ୍ରୋପଚାର ପରେ ନିମ୍ନ ଜିଆଇ ବ୍ଲିଡ଼ିଂର ଶିକାର ହୋଇଥିଲେ। ତେଣୁ ତୁରନ୍ତ ବ୍ଲିଡ଼ିଂ ବନ୍ଦ କରିବା ନିମନ୍ତେ କିମ୍ସର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ବିଭାଗର ଡ଼ାକ୍ତରମାନେ ହେମୋସ୍ପ୍ରେ ପାଉଡ଼ର ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥିଲେ। ରୋଗୀଙ୍କଠାରେ ଏଣ୍ଡୋସ୍କୋପିକ୍ ହେମୋସ୍ପ୍ରେ ବ୍ୟବହାର କରାଯାଇଥିଲା ଏବଂ ଏହା ନିମ୍ନ ଗ୍ୟାଷ୍ଟ୍ରୋଇନ୍ଟେଷ୍ଟାଇନାଲ୍ ବ୍ଲିଡ଼ିଂକୁ ତୁରନ୍ତ ବନ୍ଦ କରିବାରେ ସଫଳ ହୋଇଥିଲା। ଫଳରେ ଦିନକ ପରେ ରୋଗୀଙ୍କୁ ଆଇସିୟୁରୁ ଡ଼ିସ୍ଚାର୍ଜ କରିଦିଆଯାଇଥିଲା। ଜରୁରୀକାଳୀନ ସ୍ଥିତିରେ ହେମୋସ୍ପ୍ରେ ପାଉଡ଼ର ବେଶ୍ ସହାୟକ ହୋଇଥାଏ, ଯେଉଁଠାରେ ଥେରାପେଟିକ୍ ଏଣ୍ଡୋସ୍କୋପିଷ୍ଟ ତୁରନ୍ତ ଶରୀର ଭିତରେ ଜିଆଇ ବ୍ଲିଡ଼ିଂ ବନ୍ଦ କରିବାରେ ସକ୍ଷମ ହୋଇଥାନ୍ତି ଏବଂ ରୋଗୀର ଜୀବନ ରକ୍ଷା କରିପାରିବେ। ହେମୋସ୍ପ୍ରେ ବ୍ୟବହାର ଦ୍ୱାରା ମାତ୍ର ୧୦ମିନିଟ୍ ମଧ୍ୟରେ ଜିଆଇ ବ୍ଲିଡ଼ିଂକୁ ବନ୍ଦ କରାଯାଇପାରିବ। ଜିଆଇ ବ୍ଲିଡ଼ିଂ ଚିକିତ୍ସା କ୍ଷେତ୍ରରେ ଅନ୍ୟାନ୍ୟ ଏଣ୍ଡୋସ୍କୋପିକ୍ ପଦ୍ଧତି ବିଫଳ ହେବାର ସମ୍ଭାବନା ଥିବା ବେଳେ କେତେକ କ୍ଷେତ୍ରରେ ଏଣ୍ଡୋସ୍କୋପିକ୍ ହେମୋସ୍ପ୍ରେ ନିରାପଦ ଓ ସଫଳ ହୋଇଥାଏ। ଜିଆଇ ବ୍ଲିଡ଼ିଂ ଚିକିତ୍ସା କ୍ଷେତ୍ରରେ ଗ୍ୟାଷ୍ଟ୍ରୋଏଣ୍ଟରଲୋଜି ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି ବୋଲି କିମ୍ସ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଜିଆଇ ବ୍ଲିଡ଼ିଂ ଜନିତ ମୃତ୍ୟୁହାରକୁ ଆଶାତୀତ ଭାବେ ହ୍ରାସ କରିଯାଇପାରିବ ବୋଲି ସେମାନେ କହିଛନ୍ତି। କିମ୍ସ ସବୁବେଳେ ଚିକିତ୍ସା କ୍ଷେତ୍ରରେ ନୂଆନୂଆ ସର୍ଜନା ଜ୍ଞାନକୌଶଳକୁ ଆପଣେଇ ଆସୁଛି। ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ଏହି ନୂତନ ପଦ୍ଧତିକୁ ସଫଳତାର ଆପଣାଇ ଥିବାରୁ କିମ୍ସର ଡ଼ାକ୍ତର ଓ ବିଶେଷଜ୍ଞମାନଙ୍କୁ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି। କିମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ହେପାଟୋଲୋଜି ବିଭାଗରେ ଏଣ୍ଡୋସ୍କୋପିକ୍ ସମେତ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯାଉଛି। କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, କିମ୍ସର ଏକାଡ଼େମିକ୍ ଚେୟାରମ୍ୟାନ୍ ପ୍ରଫେସର ୱାଇ.କେ.ଚାୱ୍ଲା, ପ୍ରଫେସର ଏମେରିଟସ ଏ.ସି ଆନନ୍ଦଙ୍କ ଭଳି ଭାରତର ଖ୍ୟାତିସମ୍ପନ୍ନ ଡ଼ାକ୍ତରଙ୍କ ମାର୍ଗଦର୍ଶନ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ କୁମାର ସାହୁଙ୍କ ନେତୃତ୍ୱରେ କିମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ହେପାଟୋଲୋଜି ବିଭାଗ ରୋଗୀସେବା ଯୋଗାଇ ଦେଇଆସୁଛି। ଏହି ବିଭାଗରେ ଡ଼ା.ଏସ.ସି.ପାଣିଗ୍ରାହୀ, ପ୍ରଫେସର ପ୍ରୀତମ୍ ନାଥ, ଡା. ବି. ମଲ୍ଲିକ, ଡା.ଡ଼ି. ପ୍ରହରାଜ, ଡ଼ା. ଏସ. କେ. ସାହୁ ଏବଂ ଡା.ଏସ୍.ଗିରିଙ୍କୁ ନେଇ ଏକ ଅଭିଜ୍ଞ ବିଶେଷଜ୍ଞ ଟିମ୍ ରୋଗୀସେବା ଯୋଗାଇ ଦେଇଆସୁଛନ୍ତି।

## ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢେଇ

ଭବାନୀପାଟଣା, (ଦୀପକ କୁମାର ସାହୁ),(ପି.ଏନ): ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ସ୍ଥିତିକୁ ଅନୁଧ୍ୟାନ କଲେ ପ୍ରଥମେ ଆଦିବାସୀଙ୍କ ବିକାଶର ପ୍ରଶ୍ନ ମନକୁ ଚାଲିଆସେ । ଅତୀତର ଲାଞ୍ଜିଗଡ଼ ଆଉ ବର୍ତ୍ତମାନର ଚିତ୍ର ଅସମ୍ଭବ ବଦଳିଛି। କିନ୍ତୁ ଯେଉଁମାନେ ୨୦୧୯ ନିର୍ବାଚନ ପୂର୍ବରୁ ଜନ ପ୍ରତିନିଧି ରୂପେ ରହିଥିଲେ ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକତା ଦେଇ ଆଦିବାସୀଙ୍କ ସାମଗ୍ରୀକ ଉନ୍ନତିକୁ ଆଖି ଧ୍ୟାନ ଦେଇ ନ ଥିବା ଅଭିଯୋଗ ଆସୁଛି । ଅନ୍ୟପକ୍ଷରେ ଗତ ୫ବର୍ଷ ଧରି ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ଚାଲିଥିବା ବିକାଶର ଯାତ୍ରା ସମସ୍ତଙ୍କୁ ପ୍ରଭାବିତ କରିପାରିଛି । ପୁଣି ଆସିଛି ଆଉ ଏକ ନିର୍ବାଚନ। ଏଥର ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ପ୍ରଦୀପ କୁମାର ଦିଶାରୀ, କଂଗ୍ରେସର ପ୍ରାର୍ଥୀ ବଳଭଦ୍ର ମାଝୀ ।ଯିଏକି ନିକଟ ଅତୀତରେ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିଲେ । ବିଜେପିର ପ୍ରାର୍ଥୀ ହେଲେ ରମେଶ ମାଝୀ । ଗତଥର ବିଜେଡି ଓ ବିଜେପି ପ୍ରାର୍ଥୀ ଉଭୟେ ଦ୍ୱିତୀୟ ବାର ପ୍ରାର୍ଥୀ ହୋଇଛନ୍ତି । କିନ୍ତୁ ପୁରୁଖା ରାଜନେତା ଭାବେ ବଳଭଦ୍ରଙ୍କ ପତିଆରା କିଛି କମ ନୁହେଁ । ତାଙ୍କର ଚତୁରପଣ, ବିଚକ୍ଷଣ ବୁଦ୍ଧି ପାଇଁ ଲାଞ୍ଜିଗଡ଼ ରାଜନୀତିର ଚାଣକ୍ୟ କହିଲେ ଭୁଲହେବ ନାହିଁ ବଳଭଦ୍ରଙ୍କ ପରିବାରବାଦ ରାଜନୀତି ଏବଂ ଉନ୍ନୟନ କାର୍ଯ୍ୟକୁ ଅଣଦେଖାକରି ଚୁପ ରହିବା ଓ ଆଉ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ପାଇଁ କୋଣଠେସା ହୋଇ ରହିବାକୁ ପଡ଼ିଥିବା ଅନେକ ଚର୍ଚ୍ଚା କରିଛନ୍ତି । ତେଣୁ ଗତପ୍ରାର୍ଥୀ ପ୍ରଦୀପ ଦିଶାରୀ ଜଣେ ଶାନ୍ତ ପ୍ରଭାବର ମଣିଷ। ରାଜନୈତିକ କ୍ୟାରିୟରରେ ନାଲି ଗାର ନାହିଁ ଓ ତଥାପି କିଛି ଅନିବାର୍ଯ୍ୟ କାରଣ ପାଇଁ ସେ ବାରମ୍ବାର ଜଟିଳ ପରିସ୍ଥିତି ଭିତରକୁ ଟାଣିହୋଇ ଯିବାକୁ ପଡୁଥିବା ନଜିର ରହିଛି। ଦଳ ହାଇକମାଣ୍ଡ ଦିଶାରୀଙ୍କ ପ୍ରତି ବିଶ୍ୱାସ

ବିଜେଡିରୁ ପ୍ରଦୀପ, କଂଗ୍ରେସର ବଳଭଦ୍ର ଓ ବିଜେପିର

ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ନ ଥିଲେ ବୋଲି କୁହାଯାଉଛି। ବିଜୁ ଜନତା ଦଳ ସୃଷ୍ଟିରୁ ବଳଭଦ୍ର ରମେଖି ଆଇସୁଦ୍ଧା ଆଜି ଦଳ ଭିତରେ ନିଜ ଭବିଷ୍ୟତ ସଜାଡ଼ିବା ପରିବର୍ତ୍ତେ ? ଦଳ ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ ୬୨୪୧୩ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିହହୀ କଂଗ୍ରେସରୁ ଲଢ଼ିଥିବା ଶିବାଜୀ ମାଝୀ ପାଇଥିଲେ ୪୮୧୦୫ ଏବଂ ତୃତୀୟ ସ୍ଥାନରେ ରହି ବିଜେପି ପ୍ରାର୍ଥୀ ରମେଶ ମାଝୀ ୩୯୭୭୭ ଭୋଟ ହାତେଇଥିଲେ । ବିଜେଡିଓ ଭରସା ରଖି ପ୍ରାର୍ଥୀ କରିଛନ୍ତି । ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ୨୨୯୪୧୮ ଭୋଟ ମଧ୍ୟରୁ କାହା ଭାଗ୍ୟରେ କେତେ ପଡୁଛି ଦେଖ?ିବା କଥା। ବଳଭଦ୍ର ଏବେ ଜିଲ୍ଲାର ଶକ୍ତିଶାଳୀ ନେତା ଭକ୍ତ ଚରଣ ଦାସଙ୍କ ଇଙ୍ଗିତରେ ନିର୍ବାଚନ ମଇଦାନକୁ ଆସିଛନ୍ତି । ଆଦିବାସୀ ଭୋଟ ମୂଳ ପୁଞ୍ଜି ହୋଇଥିବାରୁ ତିନି ଆଦିବାସୀ ନେତା କି ପ୍ରକାର ଖେଳ କରିବେ ତାହା ଏବେଠାରୁ ଆକଳନ କରିବା ମୁସ୍କିଲ। କଂଗ୍ରେସର ପକେଟ ଭୋଟ ରହିଥିବାବେଳେ କଂଗ୍ରେସର ସାଂସଦ ପ୍ରାର୍ଥୀ ଦ୍ରୌପଦୀ ମାଝୀ ହୋଇଥିବା ଦୃଷ୍ଟିରୁ ବଳଭଦ୍ରଙ୍କ ମନରେ ସାହସ ବିଗୁଣିତ ହୋଇଥିବା ପ୍ରକାଶ । କାରଣ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକରୁ ଦ୍ରୌପଦୀଙ୍କ ରାଜନୀତି ଜୀବନ ଆରମ୍ଭ ସେ ଥୁଆମୂଳ ରାମପୁର ବ୍ଲକରେ ଅତୀତରେ ଅଧ୍ୟକ୍ଷା ଆସନରେ ରହି ଲୋକଙ୍କ ସହ ଏବେବି ଜଡିତ ଅଛନ୍ତି । ସେ ଦୃଷ୍ଟିରୁ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ବ୍ଲକ ଉପରେ ବଳଭଦ୍ରଙ୍କ ଫୋକସ ରହିବା ନିଶ୍ଚିତ ଛ ବିଜେପି ପ୍ରାର୍ଥୀ ରମେଶ ମାଝୀ ତୃଣମୂଳସ୍ତରରେ ଯେଉଁ ସଂଗଠନ ଚଳାଇଛନ୍ତି ତାହା କେତେ ସାଥ ଦେବ ସ୍ପଷ୍ଟ ଜଣାପଡୁନାହିଁ । ଲାଞ୍ଜିଗଡ଼ ରାଜନୀତିରେ ଚାମ୍ପେର ମାଝୀ ଭିନ୍ନ ଏକ ଚରିତ୍ର । ଲୋକ ସମ୍ପର୍କ ଯଥେଷ୍ଟ ନଥିଲେ ମଧ୍ୟ ଅର୍ଥବଳକୁ ନେଇ ନିର୍ବାଚନ ଲଢ଼ିବା ନିଶା ତାଙ୍କୁ ଘାରିଥିଲା । କିଛିଦିନ ପୂର୍ବ? ଚାଞ୍ଚ?ର ମାଝୀ ବିଜେପିରେ ଯୋଗ ଦେଇଥିଲେ । ଆଶା ରଲେ ଲାଞ୍ଜିଗଡ଼ରୁ ବିଜେପି ଟିକେଟ ପାଇବେ। ତାହା କିନ୍ତୁ ହେଲାନାହିଁ ଓ ରମେଶ ମାଝୀଙ୍କୁ ବିଜେପି ଟିକେଟ ଦିଆଗଲା । ଏବେ ଚାଞ୍ଚ?ରଙ୍କ ଭୂମିକା କଣ ହେବ ଜାଣିବା ସହଜ ନୁହେଁ। ଇନ୍ଦ୍ରାବତୀ ପ୍ରକଳ୍ପ ଠାରୁ ଆରମ୍ଭ କରି ରାସ୍ତାଘାଟ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତକରଣ ଏବଂ ଆଦିବାସୀଙ୍କ ସ୍ୱାର୍ଥ ସହ ଜଡିତ ବହୁ ଉନ୍ନୟନ କାର୍ଯ୍ୟ ହୋଇଥିବାବେଳେ ଜନ ସମର୍ଥନ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ କ୍ଷେତ୍ରରେ କେଉଁ ରୂପ ନେବ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray